ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

# ସମ୍ବାଦ କଳିକା
# The Sambad Kalika

E-mail : sambadkalikanews@gmail.com

The only ISO Certified Odia Newspaper
NS-EN ISO 9001:2008

ମୁଦ୍ରା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୯୫ ● ୨୪ ନଭେମ୍ବର ୨୦୨୪, ରବିବାର ● ଭୁବନେଶ୍ୱର
● Vol -31 ● Issue-295 ● 24th November 2024, Sunday ● Bhubaneswar
Licensed to post without pre-payment of postage No- BN-60/25-27


# ଶିଳ୍ପ ନୀତି ଓ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର, ୨୩।୧୧

ନ୍ୟୁଜ୍ ବ୍ୟୁରୋ



ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ଦୁଇଟି ସଂଶୋଧନକୁ ଶନିବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାସହିତ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟର ମଞ୍ଜୁରୀ ମିଳିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ଶେଷରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଓଡ଼ିଶା ଶିଳ୍ପ ନୀତି-୨୦୧୫ର ଦୁଇଟି ସଂଶୋଧନକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କର ଦାବିକୁ ଠିକ *(ପୃଷ୍ଠା ୭ରେ)*

## ମହାରାଷ୍ଟ୍ରରେ ବିଜେପି ଏକତରଫା ଐତିହାସିକ ବିଜୟମୁହାଁ

ମୁମ୍ବାଇ, ୨୩।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଭୋଟ ଗଣତି ଧାରା ଅନୁସାରେ ଚଳିତଥର ବିଜେପି ପାଇଁ ଫଳାଫଳ ଦଳର ଆଶାଠାରୁ ଅଧିକ ହୋଇଛି। ଏହି ନିର୍ବାଚନରେ ବିଜେପି ମୋଟ ୧୪୮ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ଏବଂ ଏପର୍ଯ୍ୟନ୍ତ ଧାରା ଅନୁଯାୟୀ ଦଳ ୧୩୧ଟି ଆସନରେ ଆଗୁଆ ରହିଛି।

ଯଦି ଏହି ଧାରା ଫଳାଫଳକୁ ନିଶ୍ଚିତ କରେ, ତେବେ ଏହା ଏପର୍ଯ୍ୟନ୍ତ ବିଜେପିର ସବୁଠାରୁ ବଡ ବିଜୟ ବୋଲି ପ୍ରମାଣିତ ହୋଇପାରେ। ବିଜେପିର ଷ୍ଟ୍ରାଇକ ରେଟ ପ୍ରାୟ ୮୪ ପ୍ରତିଶତ ରହିଛି ଯାହା ରାଜନୈତିକ ବିଶ୍ଳେଷକଙ୍କୁ ମଧ୍ୟ ଚକିତ କରିଛି । ମହାରାଷ୍ଟ୍ରର ନିର୍ବାଚନ ଇତିହାସରେ ଏହା ବିଜେପି ପାଇଁ ଏକ ଐତିହାସିକ ବିଜୟ *(ପୃଷ୍ଠା ୭ରେ)*

## ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟର ବିଜୟ

ରାଞ୍ଚି, ୨୩।୧୧

ମନିଲଣ୍ଡରିଂ ମାମଲାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗିରଫ ହେବା ପରେ ଜେଏମଏକୁ ଶକ୍ତ ଝଟକା ଲାଗିଥିଲା। ଗିରଫ ଯୋଗୁ ହେମନ୍ତ ସୋରେନଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପଡ଼ିଥିଲା। ଲାଗୁଥିଲା ହେମନ୍ତ ସୋରେନଙ୍କ ରାଜନୈତିକ କ୍ୟାରିୟର ଦି ଏଣ୍ଡ ହୋଇଯାଇଛି।

ହେଲେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ହେମନ୍ତ ସୋରେନଙ୍କ ଜେଏମଏମ ମେଣ୍ଟ ବଡ଼ ବିଜୟ ହାସଲ କରିବା ଦିଗରେ ଆଗକୁ ବଢୁଛି। ହେମନ୍ତ ସୋରେନ ସବୁ ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇ ପୁଣି ସରକାର ଗଠନ କରିବାକୁ ଯାଉଛନ୍ତି।

ଜେଏମଏମ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟ ୮୧ ବିଧାନସଭା ଆସନରୁ ୫୦ଟିରେ ଅଗ୍ରଣୀ ଥିବା ବେଳେ ବିଜେପି ନେତୃତ୍ୱାଧୀନ *(ପୃଷ୍ଠା ୭ରେ)*











## ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବ୍ ବାର୍ଷିକୋତ୍ସବ

# ପରିବାରରେ ବରିଷ୍ଠମାନଙ୍କୁ ଉଚିତ୍ ସମ୍ମାନ ମିଳିବା ଆବଶ୍ୟକ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ର ୧୯ ନମ୍ବର ୱାର୍ଡ ହାଉସିଂବୋର୍ଡସ୍ଥିତ ବରିଷ୍ଠ ନାଗରିକ କ୍ଲବ୍‌ର ୧୨ତମ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଆଗ୍ରାହାଟ ସ୍ଥିତ ମହିମା ପାଠଶାଳାଠାରେ ଆୟୋଜିତ ଏହି ଉତ୍ସବରେ ସଂଘ ସଭାପତି ପ୍ରଫେସର କିଶୋର ସାମଲ ଅଧ୍ୟକ୍ଷତା କରିଥିଲେ । ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମାଜରେ ବରିଷ୍ଠ ନାଗରିକମାନେ ଆଜି ଅବହେଳିତ ହୋଇ ପଡ଼ିଥିବା ପ୍ରକାଶ କରି ସେମାନଙ୍କୁ ପରିବାର ଲୋକେ ଓ ସମାଜ ଉଚିତ୍ ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ପୌରଉପାଧ୍ୟକ୍ଷ ତଥା ସଂଘର ଉପଦେଷ୍ଟା ଶୁଭେନ୍ଦୁ ସାମଲ, ଚୌଦ୍ୱାର ଜଗନ୍ନାଥ ଭକ୍ତ ସମାଜ ସଭାପତି ଶରତ କୁମାର ଖୁଣ୍ଟିଆ, ଡା. ଅଖତର ହୋସେନ ଖାନ୍, ଶିକ୍ଷାବିତ୍ ଗଣେଶ୍ୱର ବେହେରା, କାଉନସିଲର ସୁବ୍ରତ ସାମଲ, ଆଠଗଡ଼ ନଅବେଡ଼ା ବରିଷ୍ଠ ନାଗରିକ ସଂଘ ସଭାପତି ବିଘାଧର ନାୟକ, ଇଂଜିନିୟର ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏସବୁର ସମାଧାନ ଉପରେ ବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର ବାର୍ଷିକ ମୁଖପତ୍ର 'ଅପରାହ୍ନ ସୂର୍ଯ୍ୟ' ଉନ୍ମୋଚିତ ହୋଇଥିଲା । ସଂପାଦକ ସୁଶାନ୍ତ କୁମାର ସାହୁ ବିବରଣୀ ପାଠ କରିଥିଲେ ଏବଂ ବିଚିତ୍ରାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ବିଚିତ୍ରାନନ୍ଦ ନାୟକ, ଅଜୟ କୁମାର ସ୍ୱାଇଁ, ଗୌରାଙ୍ଗ ଦାସ, ପ୍ରଦୀପ୍ତ କୁମାର ଭୂୟାଁ, ମାନ କେତନ ପଣ୍ଡା, ବିଜୟ କେତନ ସ୍ୱାଇଁ, ତ୍ରୈଲୋକ୍ୟ ଜେନା, ଶିଶିର ଶତପଥୀ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲୁଚି ଯାଇଥିବା ପାଦଚଲା ରାସ୍ତା ନିର୍ମାଣ ପାଇଁ ଗୁରୁତ୍ୱ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ସହରାଞ୍ଚଳ ରାସ୍ତାରେ ଗାଡ଼ି ମଟର ଭିଡ଼ । ସାଇକେଲ୍ କିମ୍ବା ଚାଲି ଚାଲି ଯିବା ବିପଦପୂର୍ଣ୍ଣ । ଯାନବାହାନର ଦ୍ରୁତ ଗତି ସାଙ୍ଗକୁ ଫୁଟ୍‌ପାଥ୍ ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାରୁ ଲୋକଙ୍କୁ ପାଦରେ ଚାଲି ଯିବାକୁ ଅମଙ୍ଗ । ସେଥିପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପାଦଚଲା ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦେଉଛି । ସହରରେ ନାଗରିକ କେନ୍ଦ୍ରିକ ସୁବିଧା ଉପଲବ୍ଧ କରିବାକୁ ପ୍ରତିଶ୍ରୁତିବଦ୍ଧ । ଏହାର ପ୍ରତିଫଳନ ଅନ୍ୟ ସହରରେ ଦେଖିବାକୁ ମିଳେ । ରାଜଧାନୀର ଅଧିକାଂଶ ସ୍ଥାନରେ ପାଦଚଲା ରାସ୍ତା ରହିଛି । ପଥଚାରୀଙ୍କ ପାଇଁ ରାସ୍ତା କଡ଼ରେ ସ୍ୱତନ୍ତ୍ର ରାସ୍ତାଟିଏ ନିର୍ମାଣ କରିଛି ଭୁବନେଶ୍ୱର ମହାନଗର ନିଗମ । ଭୁବନେଶ୍ୱର ଶୈଳୀରେ ବ୍ରହ୍ମପୁରରେ ମଧ୍ୟ ପାଦଚଲା ରାସ୍ତା ପାଇଁ ପରିକଳ୍ପନା କରାଯାଇଥିଲା । ସ୍ମାର୍ଟ ରୋଡ୍ ନିର୍ମାଣ ବେଳେ ପାଦଚଲା ରାସ୍ତାକୁ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଗଲା । ରାସ୍ତାରେ ଫେଭର ବ୍ଲକ୍ ଏବଂ ରାସ୍ତା ପାର୍ଶ୍ୱରେ ବ୍ୟାରିକେଡ୍ ଥାଇ ପାଦଚଲା ରାସ୍ତା ନିର୍ମାଣ ହେଲା । ମାତ୍ର ସହରର ସବୁ ପାଦଚଲା ରାସ୍ତା ଜବରଦଖଲରେ ରହିଛି । କେଉଁଠି ପାଦଚଲା ରାସ୍ତାରେ ଉଠାଦୋକାନ ତ ଆଉ କେଉଁଠି ବାଇକ୍ ପାର୍କିଂ ଚାଲିଛି । ନିର୍ମାଣ ସାରିଦେଇ ବିଏମ୍‌ସି ନୀରବ ରହିଥିବା ବେଳେ ସବୁ ଦେଖି ଚୁପ୍ ବସିଛି ପ୍ରବର୍ତ୍ତନ ବିଭାଗ । ଅନ୍ନପୂର୍ଣ୍ଣା ବଜାର ଠାରୁ ସିଟି ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ଚର୍ଚ୍ଚରୋଡ଼କୁ ପ୍ରଥମ ପର୍ଯ୍ୟାୟ ସ୍ମାର୍ଟ ରୋଡ୍ ପ୍ରକଳ୍ପରେ ସାମିଲ କରାଯାଇଥିଲା । ୨୦୨୧ ମସିହା ଡିସେମ୍ବରରେ ଶେଷ ସପ୍ତାହରେ ଏହାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ହୋଇଥିଲା । ପ୍ରାୟ ୭୩୦ ମିଟର ରାସ୍ତାର ଉନ୍ନତିକରଣ ପାଇଁ ୩.୮୧ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ରାସ୍ତାରେ ପିଚୁ ସହିତ ଫେଭର ବ୍ଲକ୍ ବିଛାଯିବ । ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ଫେଭର ବ୍ଲକ୍ ହେବ, ସାଇକେଲ୍ ଚଳାଇବା ପାଇଁ ଟ୍ରାକ୍ ନିର୍ମାଣ, ଉଭୟ ପଟରେ କଂକ୍ରିଟ୍ ଡ୍ରେନ୍, ରାସ୍ତାକଡ଼ରେ ପାର୍କିଂ ସହିତ ସବୁଜିମା ସୃଷ୍ଟି ପାଇଁ ବୃକ୍ଷରୋପଣ ଆଦି ପ୍ରାବଧାନ ଥିଲା । ଟେଣ୍ଡର ପରବର୍ତ୍ତୀ ଚୁକ୍ତି ଠାରୁ ୩ ମାସ ଭିତରେ ସ୍ମାର୍ଟ ରୋଡ୍ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ଥିଲା । ଯେଉଁଥିରେ ଉପରୋକ୍ତ ସୁବିଧା ସୁଯୋଗ ରହିବ ବୋଲି ସହରବାସୀ ଆଶାବାଦୀ ରହିଥିଲେ । ନିର୍ମାଣ ଶେଷ ପାଇଁ ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ଲାଗିଥିଲା । ସେଥିରେ ପୁଣି ସାଇକେଲ ଟ୍ରାକ୍, ପାର୍କିଂ ସୁବିଧା ନଥିଲା । କେବଳ ପାଦଚଲା ଲୋକଙ୍କ ପାଇଁ ରାସ୍ତାକଡ଼ରେ ବ୍ୟାରିକେଡ୍ ସିଷ୍ଟମ୍ ହୋଇଥିଲା । ଦୁଇଟି ପୋଲ୍ ମଝିରେ ଲୁହା ଫ୍ରେମ ସ୍ଥାନ ରହିଥିଲା । ଚର୍ଚ୍ଚ ରୋଡ୍, ଗାନ୍ଧୀନଗର ଉପର ରାସ୍ତା ସମେତ ଆହୁରି ଅନେକ ରୋଡ୍‌ରେ ଏ ସୁବିଧା କରାଯାଇଥିଲା । ହେଲେ ବ୍ରହ୍ମପୁର ସହରରେ ସବୁ ପାଦଚଲା ରାସ୍ତା ଜବରଦଖଲ ହୋଇସାରିଛି । ଅନ୍ନପୂର୍ଣ୍ଣା ମାର୍କେଟ୍ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ୍ ପର୍ଯ୍ୟନ୍ତ ଥିବା ପାଦଚଲା ରାସ୍ତା ଦୋକାନୀଙ୍କ କବ୍‌ଜାରେ ରହିଛି । ସାଧାରଣ ଭାବେ ପାଦଚଣା ରାସ୍ତା ଦେଖିହେଉନି । ସେହିପରି ଗାନ୍ଧୀନଗର ଉପର ରାସ୍ତା ଅବସ୍ଥା ବି ସମାନ । ଏଠି ବାଇକ୍ ପାର୍କିଂ କରି ପାଦଚଲା ରାସ୍ତାକୁ ବନ୍ଦ କରିଦିଆଯାଇଛି । ବର୍ଷ ବର୍ଷ ଧରି ରାସ୍ତା ଓ ପଦାଚଲା ରାସ୍ତା ଜବରଦଖଲରେ ରହୁଥିଲେ ବି ବିଏମ୍‌ସି ଏହାର ସ୍ଥାୟୀ ସମାଧାନ କରିବାରେ ବିଫଳ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗତ କିଛି ଦିନ ପୂର୍ବରୁ ଖଲିକୋଟ କଲେଜ ସମ୍ମୁଖ ରାସ୍ତାରୁ ଜବରଦଖଲ ହଟିଥିଲା । ମାତ୍ର ୧୫ ଦିନ ପରେ ସମସ୍ତ ବ୍ୟବସାୟୀ ପୁଣି ସେହି ସ୍ଥାନରେ ବ୍ୟବସାୟ କରିବା ଆରମ୍ଭ କରିଦେଲେଣି । ଜବରଦଖଲ ବ୍ରହ୍ମପୁର ସହରର ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ରୋନିତ କୁମାରଙ୍କୁ ଯୋଗାଯୋଗ କରିଥିଲେ ବି ପ୍ରତିକ୍ରିୟା ମିଳିପାରିନି ।

# ମହାଭାରତ ଜ୍ଞାନ ଯଜ୍ଞ ଉଦ୍‌ଯାପିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ବାରିଶୀ ରୋଡ଼ ମଧୁବନରେ ଚିନ୍ମୟ ମିଶନ ଆନୁକୂଲ୍ୟରେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଚିନ୍ମୟ ମିଶନ ନୋଏଡା ଉତ୍ତର ପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୁପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ସାତ ଦିନ ଧରି ଚାଲିଥିବା ମହାଭାରତ ଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଦିନଗୁଡିକରେ ସେ ଡିଭାଇନ କଲେଜ, ମୟୂରଭଞ୍ଜ ମେନେଜମେଣ୍ଟ କଲେଜ, ସଚ୍ଚିଦାନନ୍ଦ ଗୁରୁକୁଳ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବାରିପଦା ମହାବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ଥିଲେ । ଉଦଳା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ଲାଠିକଟା ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ପୂର୍ବତନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ସମ୍ପାଦକ ଅଜିତ ବେହେରା ଉପସ୍ଥିତ ଥିଲେ । ସଭାପତି ବିଜୟ ଲେଙ୍କା, ସମ୍ପଦ ଦାସ, ବିବେକାନନ୍ଦ ଦାସ, ସବ୍ୟସାଚୀ ପଳେଇ, ଶକୁନ୍ତଳା ପାଲ, ପ୍ରଦୀପ ମହାନ୍ତି, ଡା. ପ୍ରାଣକୃଷ୍ଣ ବେହେରା, ତପନ ପଟ୍ଟନାୟକ, ହୃଦାନନ୍ଦ ଆଚାର୍ଯ୍ୟ, ସତ୍ୟଜିତ ପାଲ, ବିକ୍ରମ କେଶରୀ ଜେନା, କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଇନ୍ଦିରା ଜେନା, କ୍ରିଷ୍ଣା ଘୋଷ, ସୁରାତିବାଳା ଦାସ, ସ୍ୱର୍ଣ୍ଣ ପ୍ରଭା ଦାସ, ସୌଦାମିନୀ ମହାନ୍ତି, ସୁରେଶ୍ୱରୀ ମହାନ୍ତି, ଜୟନ୍ତୀ ଲେଙ୍କା ସହଯୋଗ କରିଥିଲେ । ଚିନ୍ମୟ ଯୁବ କେନ୍ଦ୍ରର ସମ୍ପାଦକ ବିଷ୍ଣୁପଦ ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**





କେନ୍ଦ୍ରାପଡ଼ା ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ୨୦୨୪ ପାଳନ ହୋଇଯାଇଛି । ଜିଲ୍ଲା ସଂସ୍କୃତିଭବନ ଠାରେ ଆୟୋଜିତ ଏହି ସମବାୟ ସପ୍ତାହରେ ଜିଲ୍ଲା ବରିଷ୍ଠ ଉପନିବନ୍ଧକ ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସିସିସିବିର ସିଇଓ ଅନନ୍ତ କୁମାର ସାମଲ, ବିଧାୟିକା ପ୍ରାର୍ଥନୀ ଗୀତାଞ୍ଜଳି ସେଠୀ, ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ସମବାୟ ବିତ୍ ପ୍ରମୋଦ କୁମାର ସାହୁ, ଏଆର୍‌ସିଏସ୍ ଯୋଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଅତିଥିମାନେ ସମବାୟ ଆନ୍ଦୋଳନ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୃଷି ସମବାୟ ସମିତି ଜମଧର ଓ ଭରତପୁର ଓ ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଥିବା କୁସିଆପାଳ ସମବାୟ ସମିତିକୁ ପୁରସ୍କୃତ କରାଯାଇଥିଲା । କେନ୍ଦ୍ରାପଡ଼ା ଅର୍ବାନ୍ ବ୍ୟାଙ୍କକୁ ଜିଲ୍ଲାର ଶ୍ରେଷ୍ଠ ସମବାୟ ବ୍ୟାଙ୍କ ଭାବେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟିକୁ ଶ୍ରେଷ୍ଠ ସୋସାଇଟିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂ ମଞ୍ଚ ଓ ଜମଧର କୃଷି ସମବାୟ ସମିତିର ସଂପାଦକ ବୈରାଗୀ ଚରଣ ସାହୁ ସହଯୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ୧୧୮ଟି କୃଷି ସମବାୟ ସମିତିର ସଭାପତି, ସଂପାଦକ, କର୍ମଚାରୀ ଉପସ୍ଥିତ ଥିଲେ ।

# କାର୍ ସହ ଗଞ୍ଜେଇ ଜବତ : ୪ ଗିରଫ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ବୌଦ୍ଧ ମହାନଦୀ ବ୍ରିଜ ଛକ ନିକଟରୁ କାର ସହ ୩୧ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ୍ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ସକାଳେ ବୌଦ୍ଧ ପଟୁ ଜଗତସିଂହପୁର ଅଞ୍ଚଳକୁ ଏକ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବୌଦ୍ଧ ଅବକାରୀ ବ୍ରିଜ୍ ଛକ ନିକଟରେ ଛପି ରହିଥିଲା । ଏକ ଇଣ୍ଡିଗୋ କାର୍‌କୁ ଯାଞ୍ଚ କରି ତନଖି କରିବାରୁ ଗଞ୍ଜେଇ ବାହାରିଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ତାହା ୩୧ କେଜି ୨୦୦ ଗ୍ରାମ ହୋଇ ଥିଲା । ଗଞ୍ଜେଇ ସହ କାର୍‌କୁ ଜବତ କରି ସେଥିରେ ଥିବା ୪ ଜଣଙ୍କୁ ଗିରଫ କରିଥିବା ଭାରପ୍ରାପ୍ତ ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।



# ରାୟଗଡ଼ାରେ ସମବାୟ ସପ୍ତାହ ପାଳିତ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲାରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟରିୟମରେ ଉତ୍ସାହ ସହକାରେ ପାଳନ କରାଯାଇଛି । ଉକ୍ତ କାର୍ଯକ୍ରମରେ ସର୍ବଶ୍ରୀ ହେମନ୍ତ କୁମାର ନାୟକ, ସଭାପତି କୋରାପୁଟ ଜିଲ୍ଲା ସମବାୟ ସଂଘ, କୋରାପୁଟ ସଭାପତିତ୍ୱ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଶିବ ପଟନାୟକ, କାଳୀରମ ମାଝୀ, ବସନ୍ତ କୁମାର ଉଲ୍ଲକା, ବନଗଡ଼ି ତିରୁପତି, ଜଗନ୍ନାଥ ନୂଣ୍ଡରୁକା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ. ବବିଲତା ଶ୍ରଫ୍ଫ ଓ ଅର୍ଥନୀତି ବିଭାଗର ଅଧ୍ୟାପକ ଶ୍ରୀ ସାଇ ମାଧବ ସମ୍ମାନିତ ବକ୍ତା ଭାବର ଯୋଗ ଦେଇଥିଲେ । 'ସମବାୟ ସମସ୍ତଙ୍କ ଉତ୍ତମ ଭବିଷ୍ୟତ ଗଠନ କରେ' ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ସମସ୍ତ ଅତିଥି ଓ ବକ୍ତା ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସ୍କୁଲ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶ୍ରେଷ୍ଠ ଲ୍ୟାମ୍ପସ ଭାବରେ ରମାନଗୁଡ଼ା ଲ୍ୟାମ୍ପସ, ଶ୍ରେଷ୍ଠ ମତ୍ସ୍ୟ ସମବାୟ ସମିତି ଭାବରେ ମା' ମଙ୍ଗଳା ମତ୍ସ୍ୟ ସମବାୟ ସମିତି, କେନ୍ଦୁଗୁଡ଼ା, ଶ୍ରେଷ୍ଠ ଆରସିଏମଏସ ଭାବରେ ରାୟଗଡ଼ା ଆରସିଏମଏସ ଓ ନାଗାବଳୀ କୃଷି ସମବାୟ ସମିତି, ଯେ କେ. ପୁରଙ୍କୁ ଶ୍ରେଷ୍ଠ ଆଗ୍ରୋ ଫୋରେଷ୍ଟ ସମବାୟ ସମିତି ଭାବରେ ପୁରସ୍କୃତ କରାଯାଇଥିଲା । ସୀତାପତି କରୁଣାକର ମାଝୀ ଉପ ନିବନ୍ଧକ ସମବାୟ ସମିତି ସମୂହ ରାୟଗଡ଼ାଙ୍କ ଆବାହକ ହୋଇଥିବାବେଳେ ଭବାନୀ ଶଙ୍କର ଦାସ ଓ ଶିବ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଏଥିରେ ସମବାୟ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।



# ବାନ୍ଧକଳାର ସ୍ରଷ୍ଟା ରାଧାଶ୍ୟାମ ମେହେରଙ୍କ ଜୟନ୍ତୀ ପାଳିତ



**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଏବିସିଡି ଚାରିଟେବଲ ଟ୍ରଷ୍ଟ ତରଫରୁ ଓଡ଼ିଶାର ଗୌରବ, ବାନ୍ଧକଳାର ଯୁଗ ସ୍ରଷ୍ଟା ରାଧାଶ୍ୟାମ ମେହେରଙ୍କ ୧୧୬ତମ ଜୟନ୍ତୀ ଓ ବାନ୍ଧ ଦିବସ ସମ୍ବଲପୁର ସଂସ୍କୃତି ସମାଜରେ ଉତ୍ସବମୁଖର ପରିବେଶରେ ପାଳନ କରାଗଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡା. ଅତୁଳ କୁମାର ପ୍ରଧାନ ଉପସ୍ଥିତ ଥିଲେ । ସମ୍ମାନିତ ଅଥିତିମାନଙ୍କ ମଧ୍ୟରେ କାର୍ତ୍ତିକ କଲେତ, ଡାକ୍ତର ଶ୍ୟାମସୁନ୍ଦର ଧର, କୋମଳଚନ ପଣ୍ଡା, ରାଧାଶ୍ୟାମ ମେହେରଙ୍କ ନାତି ପ୍ରଦୀପ କୁମାର ମେହେର, ଓ ପ୍ରଶାନ୍ତ ମେହେର, ମାନଭଜନ ମେହେର ଥିଲେ । ଏବିସିଡି ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ଶତନାମୀ ମଞ୍ଚାସୀନ ଥିଲେ ଓ ଡାକ୍ତର ଶ୍ୟାମସୁନ୍ଦର ଧର ଓ କୋମଳଚନ ପଣ୍ଡାକୁ ରାଧାଶ୍ୟାମ ମେହେର ସ୍ମୃତି ସମ୍ମାନ ୨୦୨୪ ଦ୍ୱାରା ସମ୍ମାନିତ କରାଯାଇଛି । ଏହି ଅବସରରେ ଅନେକ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନେ ଯୋଗଦେଇଥିଲେ । ପରେ ସଂସ୍କୃତି କାର୍ଯ୍ୟକ୍ରମ ଓ ସମ୍ବଲପୁରୀ ଫେନସି ଡ୍ରେସ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ ସୁନୀଲ ସାଗର, ମୁକେଶ ମେହେର, ପ୍ରାକ୍ଷିତ ମେହେର, ଆୟୁଷି ମେହେର, ପୀୟୂଷ ମେହେର, ରୁଦ୍ରଂଶ ମେହେରଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତଥିଲେ ।

## ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

# ଅସୁସ୍ଥ ଛାତ୍ରୀଙ୍କୁ ଡାକ୍ତରଖାନାକୁ ନେଲେ ୱାର୍ଡ଼େନ

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରୀନିବାସରେ ରହୁଥିବା ୮ମ ଶ୍ରେଣୀର ଛାତ୍ରୀ ତିରନ୍ତି ଲକିଡ଼ା ସନ୍ଧ୍ୟା ସମୟରେ ହଠାତ ମୁଣ୍ଡ ବ୍ୟଥା ଓ ବାନ୍ତି ହେବାରୁ ଅସୁସ୍ଥ ହୋଇ ପଡ଼ିଥିଲେ । ଏ ନେଇ କାର୍ଯ୍ୟରତ ୱାର୍ଡ଼ନ ଅଳକା ରଥ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷ କିନ୍ତୁ ଛାତ୍ରୀଙ୍କ ଚିକିତ୍ସା ପାଇଁ କୌଣସି ତତ୍ପରତା ଦେଖାଇନଥିଲେ । କୌଣସି ଉପାୟ ନପାଇ ବାଧ ହୋଇ ରାତି ୮ଟାରେ ୱାର୍ଡ଼ନ ରଥ ରାତି ରେ ନିଜସ୍ୱ ପ୍ରୟାସରେ ଏକ ଗାଡ଼ିରେ ଛାତ୍ରୀଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଆବଶ୍ୟକ ଚିକିତ୍ସା କରାଇଥିଲେ । ଜଣେ ମହିଳା ୱାର୍ଡ଼ନ ହୋଇ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ କିନ୍ତୁ ଛାତ୍ରୀନିବାସ ଦାୟିତ୍ୱରେ ଥିବା କର୍ମଚାରୀ ହୁଅନ୍ତୁ କିମ୍ବା ଛାତ୍ରିନିବାସ ଅଧିକ୍ଷକ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ନେବାରେ କୌଣସି ସହଯୋଗ କରିନଥିଲେ । ଖବର ପାଇ ଛାତ୍ରୀଙ୍କ ବାପା ପତି ଲାକିଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ । ଏପରି ଅବହେଳାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଉକ୍ତ ଛାତ୍ରୀନିବାସରେ ୧୦୦ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୭୦ ଜଣ ଉପସ୍ଥିତ ଥିବାବେଳେ ଜଣେ ମାତ୍ର ମହିଳା ୱାର୍ଡ଼ନ ସେମାନଙ୍କ ଦାୟିତ୍ୱ ବାହନ କରୁଛନ୍ତି । ରାତ୍ରୀ ସମୟରେ ୱାର୍ଡ଼ନ ୭୦ ଛାତ୍ରୀ ଅନ୍ତେବାସୀଙ୍କୁ ଛାଡ଼ି ଜଣେ ସାନି ରୋଗୀ ଛାତ୍ରୀଙ୍କୁ ନେଇ ସ୍ଥାନୀୟ ଡାକ୍ତରଖାନାକୁ ଆସିବା କେତେଦୂର ଯୁକ୍ତିଯୁକ୍ତ ତାହା ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିବା ଦରକାର । ଏ ବିଷୟରେ ସ୍ଥାନୀୟ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ଦୁଇଜଣ ସହକାରୀ ଶିକ୍ଷକ ଡାକ୍ତରଖାନାକୁ ଆସି ସ୍ଥିତି ପରଖିଥିଲେ । ଅଧିକ୍ଷକ କିମ୍ବା ଉପସ୍ଥିତ କର୍ମଚାରୀ ସହଯୋଗ କରିବା କଥା କହି ପ୍ରିନ୍‌ସିପାଲ ନନ୍ଦ ଖରା ନିଜ ଦାୟିତ୍ୱରେ ଓହରି ଯାଇଛନ୍ତି ।

# କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଜିଲ୍ଲା ପ୍ରଶାସନଙ୍କୁ ଦାବି ପତ୍ର ପ୍ରଦାନ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କ୍ରୀଡ଼ା ଓ କଳା ଶିକ୍ଷାକୁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥାରେ ପ୍ରଚଳନ କରିବା ନିମନ୍ତେ ଗତ ୨୦୧୩ ମସିହାରେ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ସମସ୍ତ ଅସ୍ଥାୟୀ କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଦାବି ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ ନିଯୁକ୍ତି ଦାବିକରି ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଅଧୀନସ୍ଥ ସମଗ୍ର ଶିକ୍ଷା ଅଭିଯାନ ଯୋଜନାରେ ଏହି ସବୁ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ତେଣୁ ସେମାନଙ୍କ ଦାବି ତୁରନ୍ତ ପୂରଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ କନ୍ଧମାଳ ଜିଲ୍ଲା ଶାଖାର ସମସ୍ତ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ ।

# ତିର୍ତ୍ତୋଲ ବ୍ଲକ୍‌ରେ ନୂତନ ଯୋଗାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ବାବୁଲାଲ ବାରିକଙ୍କର ଯାଜପୁର ବଦଳି ପରେ ପଦବୀ ଖାଲି ପଡ଼ିଥିଲା । ତାଙ୍କ ସ୍ଥାନରେ ନୂତନ ଯୋଗାଣ ଅଧିକାରିଣୀ ଭାବେ ସ୍ୱୟଂ ପ୍ରଭା ସ୍ୱାଇଁ ଯୋଗ ଦେଇଛନ୍ତି । ଶ୍ରୀମତୀ ସ୍ୱାଇଁ ଏଠାକୁ ଆସିବା ପୂର୍ବରୁ ଅନୁଗୁଳର ବଁଅରପାଳ ବ୍ଲକ୍ କାର୍ଯ୍ୟ କରୁ ଥିଲେ । ଶ୍ରୀମତୀ ସ୍ୱାଇଁ କାର୍ଯ୍ୟରେ ଯୋଗ ଦେଇ ବିଭିନ୍ନ ଫାଇଲ ଓ ଗୁରୁତ୍ୱପୂର୍ଣ୍ଣ କାଗଜ ଦେଖିଥିଲେ । କିଭଳି ଭାବେ ସୁଚାରୁରୂପେ ଲୋକଙ୍କ କାର୍ଯ୍ୟ ହୋଇ ପାରିବ ସେ ସତଚେଷ୍ଟା କରିବେ ବୋଲି କହିଥିଲେ । କୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ନାହିଁ । ଶ୍ରୀମତୀ ସ୍ୱାଇଁ କାର୍ଯ୍ୟରେ ଯୋଗ ଦେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିଲେ ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

# ହରେକୃଷ୍ଣ ହରେ ରାମ ଓ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଲା ପରିବେଶ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କ ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ୫ ଦିନ ଚାଲିବା ପରେ ହଜାର ହଜାର ଶ୍ରଦ୍ଧାଳୁ ଓ ସାଧୁ ସନ୍ଥଙ୍କ ଉପସ୍ଥିତରେ ହରେକୃଷ୍ଣ ହରେ ରାମ ଓ ମନ୍ତ୍ର ଧ୍ୱନିରେ ସମଗ୍ର ମନ୍ଦିର ପ୍ରକମ୍ପିତ ହୋଇ ଉଠିଥିଲା । ସକାଳୁ ସୂର୍ଯ୍ୟ ପୂଜା, ସାଲା ପୂଜା, ଦେବତାମାନଙ୍କ ନଗର ଭ୍ରମଣ, ଘୃତ ଯଜ୍ଞ, ନାମ ଯଜ୍ଞ, ଅନ୍ନ ଯଜ୍ଞ ରତ୍ନ ମୁଦ, ପାର୍ଶ୍ୱ ଦେବାଦେବୀଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ସହ ନୂତନ ମନ୍ଦିର ପ୍ରବେଶ ଓ ନାମ ଯଜ୍ଞ ଓ ଘୃତଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ସନ୍ତୋଷ ପଣ୍ଡା, ମଧୁସୂଦନ ଦାସ, ଡଃ. ଗୋପାଳ କୃଷ୍ଣ ପଣ୍ଡା, ସୀମାଞ୍ଚଳ ପଣ୍ଡା, ସୁରେନ ଦାସ, ବନମାଳୀ ପଣ୍ଡା, ପଦ୍ମ ଚରଣ ପାଣିଗ୍ରାହୀ, ଏ ଶ୍ରୀନିବାସ ଦୋରା ଉପସ୍ଥିତ ରହି ମନ୍ଦିର ପ୍ରତିଷ୍ଠା କରିଥିଲେ । ସ୍ଥାନୀୟ ବ୍ରାହ୍ମଣ ସମାଜ ସଭାପତି ଚିନ୍ତାମଣି ମିଶ୍ରଙ୍କ ସମେତ ପଣ୍ଡିତ ପୀତାମ୍ବର ରଥଶର୍ମା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଦେବାଶିଷ ରଥ, ଦେବୀ ପ୍ରସାଦ ରଥ, ରାମକୃଷ୍ଣ ଆଚାର୍ଯ୍ୟ ମନ୍ତ୍ର ପାଠ କରିଥିଲେ । ଏହି ପ୍ରତିଷ୍ଠା ମହୋତ୍ସବରେ ପ୍ରତ୍ୟେକ ଦିନ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଉଥିବା ବେଳେ ସମଗ୍ର ଜିଲ୍ଲା ତଥା ପଡ଼ୋଶୀ ବୌଦ୍ଧ ଜିଲ୍ଲାର ୭୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ୨୪ ପ୍ରହର ନାମ ଯଜ୍ଞରେ ଯୋଗ ଦେଇଥିଲେ । ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଓ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ମଧ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସାମିଲ ହୋଇଥିଲେ । ୫ ଦିନ ଧରି ଆୟୋଜିତ ହୋଇଥିବା ଏହି ପ୍ରତିଷ୍ଠା ମହୋତ୍ସବରେ ମା' ପାଟଖଣ୍ଡା ମନ୍ଦିର ର ଦୁର୍ଗାପୂଜା କମିଟି, ମା'ପାଟଖଣ୍ଡା ମାର୍କେଟ ବ୍ୟବସାୟୀ ସଂଘ, ଗାୟତ୍ରୀ ପରିବାର, ଓଁ ଶାନ୍ତି ଅନୁଷ୍ଠାନ, ବିଶ୍ୱ ହିନ୍ଦୁ ପରିଷଦ ପୂର୍ବ ପ୍ରାନ୍ତର କର୍ମକର୍ତ୍ତା, ସତ୍ୟସାଇ ସେବା ସଂଗଠନ, ବ୍ୟବସାୟୀ ସଂଘ, ବିଭିନ୍ନ ଯୁବକ ସଂଘ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ସାଧୁ ସନ୍ଥ ସ୍ୱାମୀ ଜୀବନ ମୁକ୍ତା ନନ୍ଦା ପୁରୀ, ସ୍ୱାମୀ ସତ୍ୟାନନ୍ଦ ଗିରି, ସ୍ୱାମୀ ସ୍ମୃତି ସାଗର, ସାଧୁ ପ୍ରଭାକର ଦାସ, ସାଧୁ ବିପିନ ଦାସ, ସନ୍ଥ ଯୋଗୀରାଜ, ଅଯୋଧ୍ୟା ଦାସ ମହାରାଜ, ସୁରେନ୍ଦ୍ର ଦାସ, ପ୍ରଭୁ ସେବକ ଦାସ, ଶତ୍ରୁଘନ ଦାସ, ଆନନ୍ଦ ଦାସ, ହନୁମାନ ଦାସ, ଶିବାନନ୍ଦ ବ୍ରହ୍ମଚାରି, ମୁନସି ରାମ ଦାସ, ସାଧୁ ନନ୍ଦ ବ୍ରହ୍ମଚାରି, ପରମାନନ୍ଦ ବ୍ରହ୍ମଚାରି ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଳୁଙ୍କୁ ପ୍ରତିଦିନ ଦିବ୍ୟ ଜ୍ଞାନ ପ୍ରବଚନ ମାଧ୍ୟମରେ ପ୍ରଦାନ କରିଛନ୍ତି । ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଜୀବନାନନ୍ଦ ମହାରଣା ଓ ଲୋକନାଥ ପାଢୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳନା କରିଥିଲେ ।

# ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଛତ୍ରପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗଞ୍ଜାମ ବ୍ଲକ ୟୁଡ଼ିଏସ ପୁର ଗ୍ରାମ ପଞ୍ଚାୟତର ବାଲସିଂହ ପଲ୍ଲୀ ଗ୍ରାମରେ ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି । ଟ୍ରଷ୍ଟର ସଭାପତି ତଥା କାଉନସିଲର ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ଦଳିତ ମହିଳା ସଂଗଠନର ସଭାନେତ୍ରୀ ମିନି ମହାପାତ୍ର, ସମାଜସେବୀ ତଥା ସାମ୍ବାଦିକ ଉମାକାନ୍ତ ବେହେରା, ଦୁର୍ଗାମାଧବ ପାଣିଗ୍ରାହୀ, ପ୍ରଶାନ୍ତ କୁମାର ମହାରଣା, ଅଟଳ ବିହାରୀ ପଟ୍ଟନାୟକ, ସନ୍ତୋଷ ସାହୁ, ସୁବ୍ରତ ପଢିଆରୀ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ଥାନୀୟ ବାଲସିଂହ ପଲ୍ଲୀ, ଖଟିଆ ରାମଚନ୍ଦ୍ର ପୁର ଓ ଉମୁରୀ ଧର୍ମଶରଣପୁର ଗ୍ରାମର ୫୪ଜଣ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରିଥିଲେ । ଏହା ସହିତ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୀମାଞ୍ଚଳ ନାହାକ ଓ ମିନି ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ ।



ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ

୨୦୭୫ ମସିହା ସୁଦ୍ଧା ଭାରତ ହେବ ବିଶ୍ୱର ଦ୍ୱିତୀୟ ବଡ଼ ଅର୍ଥନୀତି। ସେହି ସମୟ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ୫୨.୫ ଲକ୍ଷ କୋଟି ଡଲାରରେ ପହଞ୍ଚିବ, ଯାହାକି ଏବେ ୪.୧୧ ଲକ୍ଷ କୋଟି ଡଲାରରେ ରହିଛି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ରହିଛି। ପ୍ରଥମ ସ୍ଥାନରେ ଆମେରିକା ଥିବାବେଳେ ଦ୍ୱିତୀୟରେ ଚୀନ, ତୃତୀୟରେ ଜର୍ମାନୀ ଏବଂ ଚତୁର୍ଥରେ ଜାପାନ ରହିଛି। ଅନୁମାନ କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବଡ଼ ଅର୍ଥନୀତିରେ ପରିଣତ ହେବ। ତେବେ ଗୋଲ୍ଡମ୍ୟାନ ସାଚ୍ସର ଆକଳନ ଅନୁଯାୟୀ, ବିଶ୍ୱର ୧୦ଟି ବଡ଼ ଅର୍ଥନୀତି ମଧ୍ୟରେ ୨୦୭୫ ସୁଦ୍ଧା ୪ଟି ଇସଲାମୀୟ ଦେଶ ରହିବେ। ସେଗୁଡ଼ିକ ହେଲେ ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ ଏବଂ ମିସର। ୧୩.୭ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ବିଶ୍ୱର ଚତୁର୍ଥ ବଡ଼, ୧୩.୧ ଲକ୍ଷ କୋଟି ଡଲାର ସହିତ ନାଇଜେରିଆ ପଞ୍ଚମ ବୃହତ୍ ଏବଂ ୧୨.୩ ଲକ୍ଷ କୋଟି ଡଲାର ସହିତ ପାକିସ୍ତାନ ଷଷ୍ଠ ବୃହତ୍ ଏବଂ ୧୦.୪ ଲକ୍ଷ କୋଟି ଡଲାର ସହିତ ମିଶର ସପ୍ତମ ବୃହତ୍ ଅର୍ଥନୀତି ହେବ। ଉକ୍ତ ସଂସ୍ଥାର ଅନୁମାନ ଅନୁଯାୟୀ, ୨୦୭୫ ସୁଦ୍ଧା ଚୀନ ସବୁଠୁ ବଡ଼ ଅର୍ଥନୀତି ହେବ। ସେତେବେଳକୁ ଚୀନର ଅର୍ଥନୀତି ଆକାର ୫୭ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ବର୍ତ୍ତମାନ ଚୀନ ଅର୍ଥନୀତିର ଆକାର ୧୮.୫୬ ଲକ୍ଷ କୋଟି ଡଲାର ରହିଛି। ଆମେରିକା ଏବେ ୨୭.୯୭ ଲକ୍ଷ କୋଟି ଡଲାର ସହିତ ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଭାବେ ପରିଗଣିତ ହେଉଛି। କିନ୍ତୁ ୨୦୭୫ ବେଳକୁ ଏହା ତୃତୀୟ ସ୍ଥାନକୁ ଖସିଆସିବ। ଏହି ଅର୍ଥନୀତିର ଆକାର ୫୧.୫ ଲକ୍ଷ କୋଟି ଡଲାର ରହିବ। ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଥିବା ଜର୍ମାନୀ ୨୦୭୫ ବେଳକୁ ନବମ ସ୍ଥାନରେ ରହିଥିବ। ସେହିଭଳି ଏବେ ଚତୁର୍ଥ ସ୍ଥାନରେ ଥିବା ଜାପାନ ୨୦୭୫ ବେଳକୁ ଦ୍ୱାଦଶ ସ୍ଥାନକୁ ଖସିଯିବ। ୨୦୭୫ ବେଳକୁ ବ୍ରାଜିଲ ଅଷ୍ଟମ ଏବଂ ମେକ୍ସିକୋ ଦଶମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିବ। ବର୍ତ୍ତମାନ ୧.୫୧ ଲକ୍ଷ କୋଟି ଡଲାର ସହିତ ଇଣ୍ଡୋନେସିଆ ଷୋଡ଼ଶ, ୧.୩୪ ଲକ୍ଷ କୋଟି ଡଲାରା ସହିତ ତୁର୍କୀ ସପ୍ତଦଶ, ୧.୧୧ ଲକ୍ଷ କୋଟି ଡଲାର ସହିତ ସାଉଦି ଆରବ ଉନବିଂଶ ସ୍ଥାନରେ ରହିଛନ୍ତି। ଆର୍ଥିକ ସଂକଟ ଭିତରେ ଥିବା ପାକିସ୍ତାନ ଅର୍ଥନୀତିର ଆକାର ଏବେ ମହାରାଷ୍ଟ୍ରର ଅର୍ଥନୀତି ସହ ମଧ୍ୟ ସମାନ ସ୍ତରରେ ନାହିଁ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଥି ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଡାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

## ଅର୍ଥନୀତି ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ



ଉମାଶଙ୍କର ପ୍ରସାଦ
ସମ୍ପାଦକ ମାର୍ଗଦର୍ଶୀ
ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

ଯଦି ବର୍ତ୍ତମାନ ବିଭିନ୍ନ ସମ୍ବାଦପତ୍ର ଓ ବୈଦୁତିକ ଗଣମାଧ୍ୟମର ରିପୋର୍ଟକୁ ଅନଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହେବଯେ ଦିନକୁ ଦିନ ଭାରତର ଆର୍ଥିକ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି। ଆର୍ଥିକ ବର୍ଷ ୨୦୨୩-୨୪ ରେ ଜି.ଡି.ପି ଅନୁସାରେ ଭାରତର ଆୟରେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି କିନ୍ତୁ ଏହା ୨୦୦୩ ରୁ ୨୦୧୧ ମଧ୍ୟରେ ଥିବା ଭାରତର ଆୟ ତୁଳନାରେ କମ୍ ଅଛି। ୨୦୦୮ ମସିହାକୁ ଛାଡି ଯେତେବେଳେ ପୁରା ଦୁନିଆଁ ବିଷାଦ ଗ୍ରସ୍ତ ଥିଲା ସେ ସମୟରେ ଭାରତ ଲଗାତାର ପ୍ରତ୍ୟେକ ବର୍ଷ ୮ ପ୍ରତିଶତ ବୃଦ୍ଧି ହାସଲ କରିଥିଲା। ତେଣୁ ବର୍ତ୍ତମାନ ଅବସ୍ଥାରେ ୭.୬ ପ୍ରତିଶତ ଆର୍ଥିକ ବୃଦ୍ଧି ପ୍ରଶଂସନୀୟ। କିନ୍ତୁ ଆମେ ଯଦି ଟିକେ ନିମ୍ନକୁ ଯାଇ ବିଶ୍ଳେଷଣ କରିବା ତେବେ ସ୍ପଷ୍ଟ ଅନୁମେୟ ହେବଯେ ବିଶେଷ ଧନୀକ ଶ୍ରେଣୀର ଏକ ଛୋଟ ଅଂଶକୁ ଛାଡି ଦେଲେ ଅଧିକାଂଶ ଭାରତୀୟଙ୍କର ଅତି କଷ୍ଟରେ ସାମାନ୍ୟ ଆର୍ଥିକ ବୃଦ୍ଧି ହେବାର ଦେଖା ଯାଉଛି। ଏହାଛଡା ୧୯୯୦ ଦଶକର ମଧ୍ୟ ଭାଗରେ ଭାରତର ଆର୍ଥିକ ଅସମାନତା ଯୋଗୁ ଏହାର ମୂଳଦୁଆ କମ୍‌ଜୋର ହେବାରେ ଲାଗିଥିଲା। ବିଗତ ବର୍ଷ "ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଏନଭାୟାରମେଣ୍ଟ ଆଣ୍ଡ ଡେଭଲପମେଣ୍ଟ"ର ଏକ ତଥ୍ୟ ଆଧାରରେ ଜଣାପଡେ କୃଷକ ମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ୨୦୨୨ ରେ ଏହା ଶୀର୍ଷ ସ୍ଥାନକୁ ଉଠିଥିଲା। ଋଣ ଓ ଗରିବୀ ତଳେ ଚାପି ହୋଇ ୧୧,୨୯୦ କୃଷକ ଆତ୍ମହତ୍ୟା କରିଥିଲେ। କେବଳ ୨୦୧୪ ରୁ ୨୦୨୨ମସିହା ଭିତରେ ୧ଲକ୍ଷରୁ ଅଧିକ କୃଷକ ନିଜର ପ୍ରାଣ ବିସର୍ଜନ କରିଥିଲେ।

ଦେଶର ଅନ୍ୟ ଏକ ଦିଗକୁ ଅନୁଧ୍ୟାନ କଲେ ଜଣାପଡେ ଦେଶର ଅର୍ଥବ୍ୟବସ୍ଥାର ବିକଳ ଚିତ୍ର। ଯାହା ହେଲା 'ବେରୋଜଗାରୀ' ଯୁବବର୍ଗ। ୧୯୯୪ ରେ ଯୁବବେକାରୀ ସଂଖ୍ୟା ଥିଲା ୧୧.୮ ପ୍ରତିଶତ। ଏହି ସଂଖ୍ୟା କ୍ରମଶଃ ୨୦୧୮ ମସିହାରେ ବଢି ୨୫.୯ ପ୍ରତିଶତ ଯୁବକ ରୋଜଗାର ପାଇଁ ଚାକିରି ଅନ୍ୱେଷଣ କରୁଥିଲା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି। ଯଦିଓ ବର୍ତ୍ତମାନ ତାର ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଛି ତେବେ ମଧ୍ୟ ଭାରତର ଯୁବବର୍ଗ ବେରୋଜଗାରୀ ଦୁନିଆଁରେ ସବୁଠାରୁ ଅଧିକ। ବର୍ତ୍ତମାନ ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ଭାରତରେ ୬.୮ ପ୍ରତିଶତ ଅଛି ଯାହା ଗତ ଡିସେମ୍ବରରେ ୮.୭ ପ୍ରତିଶତ ଥିଲା। ବିଶେଷକରି ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ଜଟିଳ ଓ ଚିନ୍ତାଜନକ। ୨୦୨୨ ରେ ସ୍ନାତକ ଶିକ୍ଷା ଲାଭ କରିଥିବା ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ୨୯.୧ ପ୍ରତିଶତ ଯାହା ସ୍ୱତନ୍ତ୍ର ଭାରତରେ ସର୍ବାଧିକ। ୨୦ ରୁ ୨୪ ବର୍ଷ ବୟସର ବେକାର ଯୁବ ବର୍ଗଙ୍କ ସଂଖ୍ୟା ୪୪.୪୯ ପ୍ରତିଶତ। ୨୫ ରୁ ୨୯ ବର୍ଷ ବୟସର ଯୁବ ବେରୋଜଗାରୀଙ୍କ ସଂଖ୍ୟା ୧୪.୩୩ ପ୍ରତିଶତ। ଅକ୍ଟୋବରଠୁ ଡିସେମ୍ବର ୨୦୨୩ ମଧ୍ୟରେ ଯାହା ପୂର୍ବ ତିନି ମାସରେ ୧୩.୩୫ ପ୍ରତିଶତ ଥିଲା।

ଏହା ଛଡା ଆଉ ଏକ ଚିନ୍ତାଜନକ କଥା ଯାହା ଉପରେ ବିଶେଷ ଧ୍ୟାନ ଦିଆ ଯାଉନାହିଁ। ଯାହାହେଲା 'ନିବେଶ ଦର ବା ବିନିଯୋଗ ଦର' ଯାହା ହେଉଛି ଦେଶର ଏପରି ଏକ ଭାଗ ଯାହାକୁ ଦେଶ ତଥା ରାଜ୍ୟର କଳ କାରଖାନା, ସଡକ, ଗମନା ଗମନ, ମେସିନ ତଥା ମାନବ ପୁଞ୍ଜିରେ ବିନିଯୋଗ କରା ଯାଇଥାଏ। ଆମେ ଉପରୋକ୍ତ ଏହି ସୂଚୀରୁ କିଛି ଚର୍ଚ୍ଚା ବିଶେଷ ଭାବରେ ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ପାଉଛୁ। ଭାରତର ବନ୍ଦର ନିର୍ମାଣ ଓ ବିମାନ ଆଡା କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଣିଧାନ ଯୋଗ୍ୟ। ଯଦି ଆମ ନେତୃବର୍ଗ ଏ ସବୁର ଶ୍ରେୟ ନେଉଛନ୍ତି ତେବେ ଏହିସବୁ କ୍ଷେତ୍ରରେ ଶିକ୍ଷିତ ଯୁବବର୍ଗଙ୍କୁ କାହିଁକି ନିଯୁକ୍ତି ମିଳୁନି ଯାହା ଏକ ପ୍ରଶ୍ନବାଚୀ। ଉଚ୍ଚ ବିନିଯୋଗ ଦର ଦୀର୍ଘକାଳୀନ ବିକାଶର ମହତ୍ୱପୂର୍ଣ୍ଣ ଚାଳକ ଅଟେ। ଭାରତର ନିବେଶ ଦର ୨୦୦୬ ରେ ୩୮ ପ୍ରତିଶତକୁ ଟପି ଯାଇଥିଲା ଯାହା ୨୦୧୩ ସୁଦ୍ଧା ତଳକୁ ଖସିନଥିଲା। ସେହି ସମୟରେ ଭାରତର ବିନିଯୋଗ ଦୁନିଆଁରେ ସବୁଠୁ ବର୍ଦ୍ଧିତ ଅର୍ଥବ୍ୟବସ୍ଥାର ବରାବର ଥିଲା। କିନ୍ତୁ କ୍ରମାନ୍ୱୟରେ ଏହି ବର୍ଦ୍ଧିତ ହାରରେ ଦିନକୁଦିନ ହ୍ରାସ ହେବାର ଦେଖିବାକୁ ମିଳୁଛି ଯାହା ସାରକାରଙ୍କ ଆର୍ଥିକ ସର୍ବେକ୍ଷଣ ତଥ୍ୟ କହେ। ୨୦୨୨-୨୩ ସୁଦ୍ଧା ଏହାର ସଂଖ୍ୟା ହ୍ରାସ ପାଇ ୨୭.୯ ପ୍ରତିଶତକୁ ଆସିଯାଇଛି। ଏଭଳି ହେବାର କାରଣ କ'ଣ? ୨୦୧୮ ମାର୍ଚ୍ଚରେ ପ୍ରକାଶିତ ବିଶ୍ୱ ବିଷମତା ଲ୍ୟାବର ତଥ୍ୟକୁ ଅନୁଧ୍ୟାନ କଲେ ଏହାର କାରଣ ଜଣା ପଡିଯାଏ। ଏଥିରୁ ଜଣାପଡୁଛିଯେ ଭାରତରେ ଅସମାନତା ଦୀର୍ଘବର୍ଷ ଧରି ଅଧିକ ରହିଛି ଏବଂ ତାହା ଏକ ନୂତନ ଶିଖରକୁ ପହଞ୍ଚି ଯାଇଛି। ସବୁଠୁ ଧନୀ ୧ ପ୍ରତିଶତ ଭାରତୀୟଙ୍କ ପାଖରେ ଦେଶ ଆୟର ୨୨.୬ ପ୍ରତିଶତ ଆୟ ଠୁଳ ହୋଇଛି। ବିଗତ ୧୦୦ ବର୍ଷ ତୁଳନାରେ ଏହା ସବୁଠାରୁ ଅଧିକ ବିନିଯୋଗ ଅଟେ। ବିଗତ ଦିନରେ ୧୯୩୦ ଦଶକରେ ଆମେ ଏହାର ନିକଟବର୍ତ୍ତୀ ହୋଇଥିଲୁ। ସେତେବେଳେ ଔପନିବେଶିକ ଶାସନ ଥିଲା। ତଥ୍ୟ ଆଧାରରେ ଏହା ବଡ ବଡ ବ୍ୟବସାୟୀ ଓ ସରକାରଙ୍କ ମଧ୍ୟରେ ବୁଝାମଣା ଯୋଗୁ ସମ୍ଭବ ଥିଲା। ଭାରତରେ ଦୀର୍ଘଦିନ ଧରି କ୍ରୋନିଜିମ୍ (cronyism) ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ନୂତନ ଉର୍ଦ୍ଧ୍ୱକୁ ପହଞ୍ଚିଛି ଯାହାର ତୁଳନା ମଧ୍ୟପ୍ରାଚ୍ୟ ଦେଶ ପାକିସ୍ଥାନ, ଫିଲିପିନ୍ସ ଆଦିରେ ଅତୀତରେ ଦେଖାଯାଇଥିବା କ୍ରୋନଜିମ ସହ ସମାନ। 'ଟାଇମ' ମ୍ୟାଗାଜିନ ୨୭ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ବିଷମତାର ସ୍ତର ଆମେରିକା, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ମଧ୍ୟ ଅଧିକ। ଏହାର କାରଣ ଆମେ ଏହାର ମୂଳ ଆଧାରକୁ ବିଚାର ନକରି କେବଳ ଗଣମାଧ୍ୟମ ତଥ୍ୟ ଉପରେ ନିଜକୁ କେନ୍ଦ୍ରିତ କରିଛୁ। ଆମେ ପ୍ରାଣ ପଣେ ଉଦ୍ୟମ କରୁଛୁ କିପରି ଆମ ଦେଶ ୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ କିପରି ପହଞ୍ଚିବ। ରାଷ୍ଟ୍ରୀୟ ଆୟ ତୁଳନାରେ କିପରି ଜର୍ମାନୀକୁ ଟପିବ। କିନ୍ତୁ ଆମ ନେତୃବର୍ଗ କେବେହେଲେ ନିମ୍ନସ୍ତରର ଜନସାଧାରଣଙ୍କ ମଧ୍ୟରେ କିପରି ଏହି ଅର୍ଥ ସମାନଭାବରେ ବିତରଣ ହୋଇପାରିବ ଏବଂ ଗରିବର ସ୍ଥିତ ବଦଳିବ ଏହା ଉପରେ ଧ୍ୟାନ ଦେଇନାହାଁନ୍ତି। ଗାନ୍ଧିଜୀ ଦିନେ କହିଥିଲେ ଆମ ନେତୃବର୍ଗ ବିକାଶର ଚିନ୍ତା କରିବା ଆଗରୁ ସବୁଠାରୁ ଗରୀବ ଓ କମଯୋର ଲୋକର ମୁଖକୁ ମନେପକାଇ ନିଜ ହୃଦୟକୁ ପ୍ରଶ୍ନ କରେ ଯେ ସେ ଉଠାଉ ଥିବା ପଦକ୍ଷେପ ଗରୀବ ଲୋକଙ୍କ ପାଇଁ କେତେଦୂର ସହାୟକ? ତେବେ ଦେଶ ତଥା ରାଜ୍ୟରୁ ଆର୍ଥିକ ଅସମାନତା ଦୂର ହୋଇପାରିବ ବୋଲି ଆଶା।

## ପ୍ରଜ୍ଞାପୁରୁଷ ଶ୍ରୀରାମଚନ୍ଦ୍ର ଦାଶ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ସବୁ ମଣିଷର ଜନ୍ମ ଏକପ୍ରକାର । ମଣିଷ ଜନ୍ମ ହୋଇଥାଏ ସାଧାରଣ ଭାବରେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁଦୀର୍ଘ ଯାତ୍ରାପଥରେ ମଣିଷ ଚିହ୍ନିତ ହୁଏ ତା'ର ଗୁଣାବଳୀ ଓ କାର୍ଯ୍ୟଧାରା ମାଧ୍ୟମରେ। ଅସାଧାରଣ ପ୍ରତିଭାହିଁ ମଣିଷକୁ କାଳଜୟୀ କରିଥାଏ । ସେମିତି ଜଣେ କାଳଜୟୀ ବ୍ୟକ୍ତିତ୍ୱ ଥିଲେ ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ । ସେ ଜଣେ ସାଧାରଣ ବ୍ୟକ୍ତି ନଥିଲେ ଥିଲେ ଓଡିଆ ଜାତିର ଏକ ଜୀବନ୍ତ ଅନୁଷ୍ଠାନ। ଶ୍ରୀରାମ ଦାଶ ଏକାଧାରରେ ଥିଲେ ଜଣେ ପ୍ରବୀଣ ଅଧ୍ୟାପକ, ସୁସାହିତ୍ୟିକ, ଦକ୍ଷ ସଂଗଠକ, ବିଶିଷ୍ଟ ଗବେଷକ, ଉଚ୍ଚକୋଟୀର ବାଗ୍ମୀ ତଥା ସୁନାମଧନ୍ୟ ଅଧିବକ୍ତା । ଜ୍ଞାନର ଅସରନ୍ତି ଭଣ୍ଡାର ଥିଲେ ସେ । ସେଇଥିପାଇଁ ସେତେବେଳେ ଡକ୍ଟର ଦାଶ କହିଲେ କେବଳ ତାଙ୍କୁ ହିଁ ବୁଝାଯାଉଥିଲା। ଅତୀତର ଇତିହାସରେ ଲୁଚିଯିବାକୁ ବସିଥିବା ଏହି ପ୍ରତିଭାଧରଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଦେବାହିଁ ଏହି କ୍ଷୁଦ୍ର ଆଲେଖ୍ୟର ଉଦ୍ଦେଶ୍ୟ।

ଶ୍ରୀରାମଚନ୍ଦ୍ର ଦାଶ ୧୯୧୮ ମସିହା ନଭେମ୍ବର ୧୭ ତାରିଖରେ ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ସୁକିଦା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ହାଡିବନ୍ଧୁ ଦାଶ ଓ ମାତାଙ୍କ ନାମ ଥିଲା ବିମଳା ଦେବୀ । ବାଲ୍ୟକାଳରୁ ଅସାଧାରଣ ମେଧା ଓ ପ୍ରତିଭାର ଅଧିକାରୀ ଥିଲେ ସେ । ପରିବାରର ଆର୍ଥିକ ଦୂରବସ୍ଥା ଓ ପ୍ରତିକୂଳ ପରିସ୍ଥିତି ତାଙ୍କ ପ୍ରତିଭାର ଉନ୍ମେଷ ଦିଗରେ ପ୍ରତିବନ୍ଧକ ସାଜି ନଥିଲା। ପ୍ରାଥମିକ ଅବସ୍ଥାରେ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ର, ପଣ୍ଡିତ କୁଳମଣି ଦାଶ ଓ ପରେ ଶିକ୍ଷାଗୁରୁ ମହିମ ଚନ୍ଦ୍ର ନନ୍ଦୀ, ବିଜନ ବିହାରୀ ରାୟ, କବି ବୈକୁଣ୍ଠନାଥ ପଟ୍ଟନାୟକ, ପଦ୍ମଭୂଷଣ ରାଧାନାଥ ରଥ ଓ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ସମୟୋପଯୋଗୀ ସାହାଯ୍ୟ, ସହଯୋଗ ଓ ସହାନୁଭୂତିକୁ ପାଥେୟ କରି ନିଜର ଅନନ୍ୟ ପ୍ରତିଭାର ପରାକାଷ୍ଠା ଦେଖାଇ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ।

୧୯୨୫ ମସିହାରେ ଓଚିନ୍ଦା ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ ଶ୍ରୀରାମ । ପରେ ୧୯୨୮ ରୁ ୧୯୩୧ ମସିହା ପର୍ଯ୍ୟନ୍ତ ବାଲିକୁଦା ବିଦ୍ୟାଳୟରି ମଧ୍ୟ ଇଂରାଜୀ ଶିକ୍ଷା ଓ ୧୯୩୨ ରୁ ୧୯୩୬ ପର୍ଯ୍ୟନ୍ତ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଧ୍ୟମିକ ଶିକ୍ଷା ଶେଷ କରିଥିଲେ ସେ । ଏହି ସମୟରେ ଶ୍ରୀରାମ ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ । ସେଥିପାଇଁ ସେଦିନ ସମାଜ ପୃଷ୍ଠାରେ ସ୍ୱତନ୍ତ୍ର ସମ୍ବାଦ ପ୍ରକାଶିତ ହୋଇଥିଲା । ତାହାର ଶୀର୍ଷକ ଥିଲା – 'ପ୍ରବେଶିକା ପରୀକ୍ଷାରେ ଓଡିଆ ଛାତ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ'। ଏହି ଫଳାଫଳ ଅପ୍ରତ୍ୟାଶିତ ନଥିଲା । ଏହା ଥିଲା ତାଙ୍କ ଅସାଧାରଣ ମେଧା ଓ ଅତନ୍ଦ୍ର ସାଧନାର ସ୍ୱୀକୃତି । ଏହା ପରଠାରୁ ସେ ଆଉ ପଛକୁ ଫେରିନଥିଲେ । ତା' ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । । ଏହାପରେ ସେ ୧୯୩୬ ରୁ ୧୯୪୦ ରେଭେନ୍ସା କଲେଜରୁ ସ୍ନାତକ ଓ ୧୯୪୦ ରୁ ୧୯୪୨ ପାଟନା ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା କୃତିତ୍ୱର ସହ ଶେଷ କରିଥିଲେ । ଏହା ପରେ ୧୯୫୩ ମସିହା ସେପ୍ଟେମ୍ବର ୨୨ ତାରିଖରୁ ୧୯୫୫ ମସିହା ଜାନୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଡକ୍ଟରେଟ୍ ଉପାଧି ପାଇଁ ସେ ବର୍ଲିନ୍ ଯାତ୍ରା କରିଥିଲେ ଓ ସେଠାରେ ମାତ୍ର ୧୬ ମାସ ଭିତରେ ଦୁଇବର୍ଷର ଗବେଷଣା କାର୍ଯ୍ୟ ଶେଷ କରି ନିଜର ଅଗାଧ ପାଣ୍ଡିତ୍ୟର ପ୍ରମାଣ ଦେଇଥିଲେ ।

୧୯୪୮ ମସିହାରେ ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଇ.ଏ.ଏସ୍ ଓ ଆଇ.ପି.ଏସ୍ ଚାକିରି ସୃଷ୍ଟି କଲେ । ପ୍ରଥମେ ବିଭିନ୍ନ ବିଭାଗରୁ ଲୋକଙ୍କ ବାଛି ଆଇ.ଏ.ଏସ୍‌ରେ ନିଯୁକ୍ତି ଦିଆଗଲା। ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳ ଭାରତର ବିଭିନ୍ନ ସ୍ଥାନକୁ ଯାଇ ପ୍ରାର୍ଥୀ ବାଛିଲେ । ପ୍ରଥମ ଦଳ ୧୯୪୮ରେ ବଛା ହୋଇ ତାଲିମ ପାଇଁ ପଠାଗଲା । ଶ୍ରୀରାମଚନ୍ଦ୍ର ଦାଶ ପ୍ରଥମ ଦଳରେ ବଛା ହୋଇଥିଲେ ଓ ତାଙ୍କୁ ନିଯୁକ୍ତିପତ୍ର ମିଳିଥିଲା । ସେହି ଅନୁସାରେ ତାଙ୍କୁ ୧୯୪୯ ଜାନୁୟାରୀ ୧୫ ତାରିଖ ସୁଦ୍ଧା ଦିଲ୍ଲୀର ତାଲିମ କେନ୍ଦ୍ରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଥିଲା। ମାତ୍ର ଷଡଯନ୍ତ୍ରର ଶୀକାର ହେଲେ ଶ୍ରୀରାମଚନ୍ଦ୍ର ଦାଶ । ଗୁଇନ୍ଦା ବିଭାଗ ତରଫରୁ କେନ୍ଦ୍ର ସରକାରଙ୍କୁ ଗୁପ୍ତ ରିପୋର୍ଟରେ ଜଣାଇ ଦିଆଗଲା ଯେ ଶ୍ରୀରାମ ଦାଶ ଜଣେ କମ୍ୟୁନିଷ୍ଟ ଓ ତାଙ୍କୁ ଆଇ.ଏ.ଏସ୍ ରେ ନେଲେ ରାଷ୍ଟ୍ରର ନିରାପତ୍ତା ବିପନ୍ନ ହେବ । ଫଳରେ ତାଙ୍କର ନିଯୁକ୍ତିପତ୍ର ରଦ୍ଦ ହେଲା ।

ତଥାପି ଏଥିରେ ଦବି ନଯାଇ ଅଧ୍ୟାପନାକୁ ଆପଣେଇ ନେଇଥିଲେ ସେ । ଯଥାର୍ଥରେ ସେ ଥିଲେ ସରସ୍ୱତୀଙ୍କର ବରପୁତ୍ର । ଅର୍ଥନୀତି ବିଭାଗର ଅଧ୍ୟାପକ ରୂପେ ସେ ନିଜର କର୍ମମୟ ଜୀବନ ଆରମ୍ଭ କରି ବେଶ୍ ସଫଳ ହୋଇଥିଲେ । ଜଣେ ପ୍ରବୀଣ ଅଧ୍ୟାପକ ଭାବେ ରାଜ୍ୟରେ ଓ ଜାତୀୟ ସ୍ତରରେ ତାଙ୍କର ଯଥେଷ୍ଟ ସୁନାମ ଥିଲା । ତାଙ୍କ ଉଦ୍ୟମରେ ୧୯୫୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଏକ ସ୍ୱତନ୍ତ୍ର ପାଠ୍ୟ ବିଷୟ ରୂପେ ଗୃହିତ ହୋଇ ଅଧ୍ୟାପନା ଆରମ୍ଭ ହେଲା । ୧୯୬୩ ମସିହା ଜୁଲାଇ ୧୭ ତାରିଖରୁ ୧୯୭୫ ମସିହା ଡିସେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ସେ ରାଜନୀତି ବିଜ୍ଞାନର ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟ ରୂପେ କାର୍ଯ୍ୟକରି ଅନେକ ଯଶ ଓ ଖ୍ୟାତିର ଅଧିକାରୀ ହୋଇପାରିଥିଲେ । ଭାଗ୍ୟର ବିଡମ୍ବନା ଯେ ୧୯୭୫ ମସିହା ଡିସେମ୍ବର ୨୩ ତାରିଖରେ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା।

ଅବସର ଗ୍ରହଣ ପରେ ଚୁପ୍ ହୋଇ ବସି ରହିନଥିଲେ ଡକ୍ଟର ଦାଶ । ଭବିଷ୍ୟତ ବିପଦକୁ ସାମ୍ନାରେ ଦେଖିପାରୁଥିଲେ ସେ । ତେଣୁ ୧୯୬୦ରେ ଆଇନ୍‌ର ପ୍ରଥମ ଭାଗ ଓ ୧୯୬୧ରେ ଆଇନର ଦ୍ୱିତୀୟ ଭାଗ ପରୀକ୍ଷାରେ ଘରୋଇ ଭାବେ ପରୀକ୍ଷାଦେଇ ପ୍ରଥମ ଶ୍ରେଣୀରେ ଏକମାତ୍ର ଭାବେ ଏଲ୍.ଏଲ.ବି ଉପାଧି ଅର୍ଜନ କରିଥିଲେ । ଏହି ଉପାଧିର ସଦୁପଯୋଗ କରି ୧୯୭୬ ମଇ ମାସ ୧୩ ତାରିଖରୁ ସେ ଓକିଲାତି ଆରମ୍ଭ କଲେ । ଅଧ୍ୟାପକ ଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସଫଳତା ତାଙ୍କୁ ଯେତିକି ଆନନ୍ଦ ଦେଇଥିଲା ଓକିଲାତିରେ ମଧ୍ୟ ମୋକଦ୍ଦମାରେ ବିଜୟ ହାସଲ କରି କାହା ମୁହଁରେ ହସ ଫୁଟାଇଲେ, ତାହା ତାଙ୍କୁ ସେତିକି ଆନନ୍ଦିତ କରୁଥିଲା । କେବଳ ସେତିକି ନୁହେଁ ନିଖିଳ ଉତ୍କଳ ରାଜନୀତି ବିଜ୍ଞାନ ମୁଖପତ୍ରର ଉପସଭାପତି ଓ ସଭାପତି ଭାବେ କାର୍ଯ୍ୟ କରି ସେ ନିଜର ସାଂଗଠନିକ ଦକ୍ଷତା ଓ କାର୍ଯ୍ୟ କୁଶଳତାର ପ୍ରମାଣ ଦେଇଥିଲେ । ଏଥି ସହିତ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍ ଓ ପାଠ୍ୟ ସଂସଦର ସଭ୍ୟ ଭାବେ କାର୍ଯ୍ୟକରି ଶ୍ରୀରାମଚନ୍ଦ୍ର ଦାଶ ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଥିଲେ।

କେବଳ ଅଧ୍ୟାପନା ବା ଗବେଷଣା ନୁହେଁ, ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ଡକ୍ଟର ଦାଶଙ୍କର ଗଭୀର ପ୍ରବେଶ ଓ ଅନୁରାଗ ଥିଲା। ସେ ପ୍ରାୟ ୨୫ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ଜଣେ ଲବ୍ଧପ୍ରତିଷ୍ଠ ସ୍ତମ୍ଭକାର ହିସାବରେ ତାଙ୍କର ନିଆରା ପରିଚୟ ଥିଲା । ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ଲିଖିତ ନିବନ୍ଧ ଗୁଡିକ ଯଥେଷ୍ଟ ପାଠକୀୟ ସ୍ୱୀକୃତି ଲାଭ କରିପାରିଥିଲା । ଉଭୟ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା ଯାହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ । "ଭାରତର ସମ୍ବିଧାନ" "ଉତ୍କଳମଣି ଗୋପବନ୍ଧୁ ଦାସ" ଓ "ମୋ ଅକୁହା କାହାଣୀ" ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି । ଏଥି ସହିତ ତାଙ୍କ ରଚିତ ପୁସ୍ତକ "ୟୁରୋପରେ ମୋ ଅନୁଭୂତି" ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

ଏହିପରି ଜଣେ ପ୍ରତିଭାଧାରୀ, କାଳଜୟୀ ପୁରୁଷ ଡକ୍ଟର ଶ୍ରୀରାମ ଦାଶଙ୍କର କର୍ମମୟ ଜୀବନର ଅବସାନ ଘଟିଲା ୧୯୯୪ ମସିହା ଅଗଷ୍ଟ ୧୦ ତାରିଖରେ । ଆଜି ସେ ଆମ ଗହଣରେ ନାହାଁନ୍ତି, ମାତ୍ର ତାଙ୍କର ବିଜ୍ଞତା, ସୃଜନଶୀଳତାର ଦୃଢତା ଓ କର୍ମତତ୍ପରତା ଏବେବି ଉଜ୍ଜିବୀତ ହୋଇ ରହିଛି । ଅନ୍ୟାୟ ଭାବେ ଆଇ.ଏ.ଏସ୍ ପଦବୀରୁ ବଞ୍ଚିତ ହୋଇଥିଲେ ବି ନିଜ ହାତରେ ବହୁ ଆଇ.ଏ.ଏସ୍ ସୃଷ୍ଟି କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି ସେ । ଉତ୍ତରପିଢିର ଦାୟାଦମାନେ ଏହି ପ୍ରଜ୍ଞାପୁରୁଷଙ୍କର ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ,ଏହାହିଁ ଆଜିର ଅନୁଚିନ୍ତା।

## ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନକୁ ନିଷିଦ୍ଧ କରାଯାଉ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ–୭୨୦୫୧୦୦୮୩୯

ଯେତେବେଳେ ମୋବାଇଲ ଫୋନ ଭାରତରେ ପ୍ରଥମ ଥର ପାଇଁ ବ୍ୟବହାର କରାଗଲା ତାହା ନିଶ୍ଚିତ ଭାବରେ ସମସ୍ତ ଭାରତୀୟଙ୍କ ପାଇଁ ଏକ ନୂତନ ଯୁଗ ନେଇ ଆସିଲା। ଧିରେ ଧିରେ ମୋବାଇଲ ଫୋନ ସହର ଠାରୁ ଗାଁ ଯାଏଁ ସବୁଠି ବ୍ୟାପିଗଲା । ଆଜି ମନେ ହେଉଛି ବିନା ମୋବାଇଲ ଫୋନରେ ଜୀବନ କଟିବ କେମିତି ? ମୋବାଇଲ ଫୋନ ଆମ ଜୀବନର ଅଭିନ୍ନ ଅଙ୍ଗ ହୋଇ ପଡ଼ିଲାଣି। ଗରିବ ଠାରୁ ଗରିବ ଲୋକ ମଧ୍ୟ ଆଜି ମୋବାଇଲ ଫୋନ କବଳରୁ ବଞ୍ଚି ପାରୁନାହାନ୍ତି। ମୋବାଇଲ ଫୋନ ଦିନେ କେବଳ ପରସ୍ପର ସପର୍କର ସାଧନ ଥିଲା। ବର୍ତ୍ତମାନ ମୋବାଇଲ ଫୋନ ଫୋର ଜି ଓ ଫାଇବ ଜି ର ନେଟୱ୍ୱର୍କ ସହିତ ମାର୍କେଟରେ ଆସିଗଲା ପରେ ଆମ ଦୈନନ୍ଦିନ ଜୀବନରେ ଅନେକ କିଛି ସମସ୍ୟାର ସମାଧାନ ନେଇ ଆସିପାରିଛି। କିନ୍ତୁ ତା ସହିତ ଅନେକ ସମସ୍ୟାକୁ ମଧ୍ୟ ଜନ୍ମ ଦେଇଛି। ଅପରାଧୀ ତତ୍ତ୍ୱ ମୋବାଇଲକୁ ଆଧାର କରି ଆମର ବ୍ୟକ୍ତିଗତ ଜୀବନ ଭିତରେ ଦଖଲ ଦେଉଛନ୍ତି ଏବଂ ନିଜ ଘରେ ବସି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି। କେବଳ ପଇସା ନୁହେ ବରଂ ତା ସହିତ ଶାନ୍ତି ଓ ବ୍ୟକ୍ତିଗତ ସମ୍ପର୍କକୁ ମଧ୍ୟ ଛିନ୍ନ କରିବାରେ ସମର୍ଥ ହୋଇଛନ୍ତି।

ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀଙ୍କ ହାତରେ ସବୁଠାରୁ ସୋଫେଷ୍ଟିକେଟେଡ ମୋବାଇଲ ଫୋନ ଦେଖିବାକୁ ମିଳୁଛି। ଶିକ୍ଷାଅନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି । ଶିକ୍ଷାନୁଷ୍ଠାନ ଯେଉଁ ନୈତିକତା ଓ ମୂଲ୍ୟବୋଧକୁ ନେଇ ଯୁଗ ଯୁଗ ଧରି ଠିଆ ହେଇଥିଲା ତାହା ଆଉ ରହିନାହିଁ। ଆଜିର ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ପୁରୁଣା ଆଦର୍ଶ ଦେଖିବା କୁ ମିଳୁନି। ଛାତ୍ର ଓ ଛାତ୍ରୀଙ୍କ ଭିତରେ ମଧ୍ୟ ଗୁରୁ ଭକ୍ତି ଓ ଗୁରୁ ପାଇଁ ସମର୍ପଣର ଭାବ ଦୁର୍ଲଭ ହୋଇଯାଇଛି। କବିର ଦାସ ଗୁରୁ ଶିଷ୍ୟଙ୍କ ସମ୍ପର୍କ ବିଷୟରେ କହିବାକୁ ଯାଇ କହିଥିଲେ ଯେ 'ଗୁରୁ କୁମ୍ଭାର ଶିଷ୍ୟ କୁମ୍ଭ ହେ, ଗଢି ଗାଢି କଢଇ ଖୋଟ। ଆନ୍ତର ହାତ ସାହାର ଦୈ ବାହେଇ ଚୋଟ'। ଏହାର ଅର୍ଥ ହେଲା ସାଧାରଣ ଶିଷ୍ୟ ହେଉଛି ମାଟିର ଗୋଲା। ଶିକ୍ଷକ ସେହି ମାଟି ଗୋଲାର ଭିତରେ ହାତ ଦେଇ ଓ ବାହାରେ ପିଟି ପିଟି ମାଟି ଭିତରୁ ଏକ ସୁନ୍ଦର ହାଣ୍ଡି ତିଆରି କରେ। ଶିଷ୍ୟ ଯେତେବେଳେ ଗୁରୁକୁଳ ପ୍ରବେଶ କରେ ସିଏ କଞ୍ଚା ମାଟି ପରି ଥାଏ । ଶିଷ୍ୟ ଭିତରେ ଥିବା ସମସ୍ତ ଅବଗୁଣ ଦୂର କରି ଗୁରୁ ଶିଷ୍ୟ ଭିତରେ ଗୁଣ ଭରି ଏକ ଶେଷ୍ଠ ନାଗରିକ ତିଆରି କରିଥାଏ। ଗୁରୁକୁଳ ବିଦ୍ୟାଳୟ ଓ କଲେଜ ସବୁଗୁଡିକ ଅନୁଷ୍ଠାନ ଆମର ଆଗାମୀ ପିଢିଙ୍କୁ ଶ୍ରେଷ୍ଠ ନାଗରିକ ଓ ଶ୍ରେଷ୍ଠ ମଣିଷ ଗଢିବା ପାଇଁ ତିଆରି କରାଯାଇଅଛି । କିନ୍ତୁ ଆଜିର ଶିକ୍ଷା ଅନୁଷ୍ଠାନରେ ଏ ମହତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଯେଉଁଥିପାଇଁ ଏକ ଉନ୍ନତ ସମାଜର କଳ୍ପନା ଆମେ କରିପାରୁନାହୁଁ । ବିଗତ ଦିନ ଉତ୍ତର ପ୍ରଦେଶରେ ଗୋଟିଏ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟତ୍ରୀଙ୍କ ଏକ ଭିଡ଼ିଓ ଉଠାଇଥିଲେ ଓ ଶିକ୍ଷୟତ୍ରୀଙ୍କୁ ବ୍ଲାକମେଲ କରିଥିଲେ। ସେହିପରି ଅନେକ ସ୍ଥାନରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମିଳିଛି। ଶିକ୍ଷକ ଭିଡିଓ ଉଠାଇ ଓ ଫଟୋଗ୍ରାଫ ଦେଖାଇ ଛାତ୍ରୀଙ୍କୁ ବଳତ୍କାର କରିବା ଦୃଷ୍ଟାନ୍ତ ବି ମିଳିଲାଣି। ଶିକ୍ଷାନୁଷ୍ଠାନରେ ପ୍ରଶ୍ନ ପତ୍ର ଲିକ ହେବା ଖବର ବିଭିନ୍ନ ଗଣମାଧ୍ୟମରେ ଅନେକ ଥର ପ୍ରକାଶ ପାଇଥାଏ। ତେଣୁ ଏହି ଅଘଟଣ ଗୁଡିକୁ ଆଖିରେ ରଖି ଯଦି ମୋବାଇଲ ଫୋନକୁ ଶିକ୍ଷାନୁଷ୍ଠାନରେ ବ୍ୟାନ କରାଯାଏ ତାହେଲେ ଫୋନ ଜନିତ ଘଟୁଥିବା ଅଘଟଣ ରୋକିଦିଆଯାଇ ପାରିବ। ବିଶ୍ୱରେ ଅନେକ ଦେଶର ସ୍କୁଲରେ ମୋବାଇଲ ଫୋନକୁ ନିଷିଦ୍ଧ କରାଯାଇଛି। ଆମେରିକା ପରି ଗୋଟିଏ ଡେଭଲପଡ୍ ଦେଶରେ ଏବଂ ଅନ୍ୟ କିଛି ୟୁରୋପିଏନ ଦେଶରେ ମୋବାଇଲ ଫୋନକୁ ଶିକ୍ଷାନୁଷ୍ଠାନ ଭିତରେ ସ୍ଥାନ ଦିଆଯାଉ ନାହିଁ। ସେହିପରି ନାଇଜେରିଆ, ବ୍ରାଜିଲ କମ୍ବୋଡିଆ ଓ ସାଉଥକୋରିଆ ପ୍ରଭୃତି ଦେଶର ସ୍କୁଲକୁ ମୋବାଇଲ ନେବା ପାଇଁ ଅନୁମତି ଦିଆ ଯାଇନାହିଁ। କୌଣସି ଏକ ବଡ ଅଘଟଣ ଘଟିବା ପାଇଁ କଣ ଆମେ ପ୍ରତୀକ୍ଷା କରିବା? ଏବଂ ତାପରେ ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା। ଶିକ୍ଷାନୁଷ୍ଠାନରେ କେବଳ ଛାତ୍ର ଛାତ୍ରୀଙ୍କ ମୋବାଇଲ ଫୋନ୍ ବ୍ୟବହାରରେ କଟକଣା କଲେ ହେବନାହିଁ। ଶିକ୍ଷକ ଓ ଶିକ୍ଷୟତ୍ରୀ ମଧ୍ୟ ଏହି ନିୟମକୁ ମାନିବାକୁ ପଡ଼ିବ । ଯଦି ଶିକ୍ଷକ ଓ ଶିକ୍ଷୟତ୍ରୀ ସ୍କୁଲ କଲେଜକୁ ମୋବାଇଲ ଫୋନ ନେବେ ତାହେଲେ ଶିକ୍ଷକଙ୍କ ଦ୍ୱାରା ହେଉଥିବା ମୋବାଇଲ ଜନିତ ଅପରାଧ ଉପରେ ଆମେ କେମିତି କଟକଣା କରିପାରିବା?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ନଭେମ୍ବର ୨୦୨୪ ରବିବାର





# ବାଲ୍ୟ ବିବାହମୁକ୍ତ ହୋଇପାରୁନି ଗଞ୍ଜାମ:ପାଳନ ହେଉନି ଆଇନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଶିଶୁ ସୁରକ୍ଷା ଆଇନ୍ କଡ଼ାକଡ଼ି ଭାବେ ପାଳନ ହୋଇପାରୁନାହିଁ । ପରିଣାମ ସ୍ୱରୂପ ବାଲ୍ୟବିବାହ, ଶିଶୁ ଶ୍ରମିକ, ନାବାଳିକାଙ୍କୁ ନିର୍ଯାତନା ଭଳି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି । ଗଞ୍ଜାମ ଜିଲ୍ଲାକୁ ୨୦୨୨ ଜାନୁଆରୀ ୩ ତାରିଖରେ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଘୋଷଣା କରାଯାଇଥିଲା । କିନ୍ତୁ ସେହି ବର୍ଷ ହିଁ ଗଞ୍ଜାମ ଜିଲ୍ଲାରେ ୩୩୧ ବାଲ୍ୟ ବିବାହ ଯୋଜନା ଚାଲିଥିବା ବେଳେ ପ୍ରଶାସନ ତାହା ରୋକିଥିଲା । ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୪୪ଟି ବାଲ୍ୟବିବାହ ବନ୍ଦ କରାଯାଇ ସାରିଲାଣି । ସେହିପରି ଗତ ୩ ବର୍ଷ ମଧ୍ୟରେ ୬୭୩୬ ବାଲ୍ୟ ବିବାହକୁ ପ୍ରଶାସନ ବନ୍ଦ କରିଛି । ଲୋକଙ୍କ ମଧ୍ୟରେ ଆବଶ୍ୟକ ସଚେତନତାର ଅଭାବରୁ ହେଉ କି ଶିଶୁ ସୁରକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ହେଉ, ଗଞ୍ଜାମ ଜିଲ୍ଲା ବାଲ୍ୟ ବିବାହ ମୁକ୍ତ ହୋଇପାରୁନାହିଁ । ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅବଗତ କରାଯାଉଛନ୍ତି । ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂ ସହାୟିକା ଗୋଷ୍ଠୀ, କୁଳର ମୁଖିଆ, ଗାଁ କଲ୍ୟାଣ ସମିତି, ମିଶନ୍ ଶକ୍ତି, ଜନପ୍ରତିନିଧି, ସିଡ଼ିପିଓ ଏବଂ ସିଡ଼ବ୍ଲୁସିଙ୍କ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି କୁହାଯାଉଥିଲେ ସୁଦ୍ଧା ବାଲ୍ୟ ବିବାହ ବନ୍ଦ ହେଉନାହିଁ । ତେବେ ଏଥିପାଇଁ ଦାୟୀ କିଏ ବୋଲି ବର୍ତ୍ତମାନ ପ୍ରଶ୍ନ ହୋଇଛି । ଏହି ସାମାଜିକ କୁପ୍ରଥାର ବିଲୋପ ପାଇଁ ଗଞ୍ଜାମ ଜିଲ୍ଲାରେ ନିର୍ଭର କରି ଯୋଜନାକୁ ବ୍ୟାପକ କରାଯାଇଛି । ଏପରିକି ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ତତ୍କାଳୀନ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଘୋଷଣା କରିଥିଲେ । କିନ୍ତୁ ତାହା ମଧ୍ୟ କାମ କରୁନାହିଁ । ତୃଣମୂଳସ୍ତରରେ ଯଦି ଲୋକଙ୍କୁ ସଚେତନ କରାଯାଇପାରିବ ତେବେ ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ ହେବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ଗଠିତ ହୋଇଥିବା ଶିଶୁ ସୁରକ୍ଷା ସମିତିର ମୁଖ୍ୟ ହେଉଛନ୍ତି ସରପଞ୍ଚ । କିନ୍ତୁ ଅଧିକାଂଶ ସରପଞ୍ଚ ଏହା ଜାଣୁ ନାହାନ୍ତି । ଏପରିକି ପଞ୍ଚାୟତରେ କେତେ ଝିଅ ଅଛନ୍ତି ତାର ଖବର ମଧ୍ୟ ରଖୁନାହାନ୍ତି । ଫଳରେ ଗାଁରୁ କେତେବେଳେ କେଉଁ ଝିଅ କେଉଁ ଜାଗାକୁ ଚାଲାଣ ହେଉଛି କିମ୍ବା ବାଲ୍ୟ ବିବାହ ହେଉଛି ତାର କୌଣସି ସୂଚନା ମିଳୁନାହିଁ । ଗଞ୍ଜାମ ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ମୋଟ ୬୭୩୬ଟି ବାଲ୍ୟ ବିବାହକୁ ପ୍ରଶାସନ ତରଫରୁ ବନ୍ଦ କରାଯାଇଛି । ୨୦୨୨ରେ ସର୍ବାଧିକ ୩୩୧ଟି ବିବାହ ବନ୍ଦ କରାଯାଇଥିବା ବେଳେ ୨୦୨୧ରେ ୨୦୧ ଓ ୨୦୨୩ରେ ୧୦୪ଟି ବାଲ୍ୟ ବିବାହ ବନ୍ଦ କରାଯାଇଥିବା ସୂଚନା ମିଳିଛି । ଜିଲ୍ଲା ପ୍ରଶାସନ ବାଲ୍ୟ ବିବାହ ବନ୍ଦ କରି ବାହାବା ନେଉଛି ସିନା, ଏହାକୁ ମୂଳପୋଛ କରିପାରୁନାହିଁ । ଏବେ ବି ପ୍ରଶାସନର ଆଖିରେ ଧୂଳି ଦେଇ ବିଭିନ୍ନ ସ୍ଥାନରେ ଲୁଚାଛପା ବାଲ୍ୟ ବିବାହ ଚାଲୁଥିବା ଅଭିଯୋଗ ହେଉଛି । ଫଳରେ ସେହି କୋମଳମତି ନାବାଳିକାଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି ।

# ପୌର ଦୁର୍ନୀତିର ତଦନ୍ତ ପାଇଁ ଚୌଦ୍ୱାରରେ ଅନୁଧ୍ୟାନକାରୀ ଟିମ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକାରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଆରଟିଆଇ କର୍ମୀ ମନୋଜ କୁମାର ସାହୁ ପୌରପାଳିକାର ବିଭିନ୍ନ ଯୋଜନାରେ କରାଯାଇଥିବା ଦୁର୍ନୀତିକୁ ନେଇ ଲୋକାୟୁକ୍ତ ନିକଟରେ ଆବେଦନ କରିଥିଲେ । ଏଥି ସହିତ ଚୌଦ୍ୱାର ଅଞ୍ଚଳବାସୀଙ୍କ ତରଫରୁ ମଧ୍ୟ ରାଜ୍ୟପାଳଙ୍କୁ ପୌରନିର୍ବାହୀ ଅଧିକାରୀଙ୍କ ଜରିଆରେ ପତ୍ର ଦିଆଯାଇଥିଲା । ଫଳସ୍ୱରୂପ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ରାଜ୍ୟପାଳ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ବିଭାଗ (ଡୁଡା)କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହିକ୍ରମରେ ଗୁରୁବାର ଏକ ୬ଜଣିଆ ଟିମ୍ ଚୌଦ୍ୱାର ପୌରପାଳିକାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । କରୋନା ସମୟରେ ବୁଲା ଗୋରୁଗାଇ ମାନଙ୍କ ପାଇଁ କିଣାଯାଇଥିବା ଖାଦ୍ୟ, ବିଜୁ ଯୁବ ବାହିନୀ ଓ କ୍ଲବ ମାନଙ୍କୁ ସଶକ୍ତିକରଣ କରିବା ପାଇଁ ଖେଳ ଉପକରଣ ବଣ୍ଟନ, କରୋନା ସମୟରେ କ୍ୱାରେନ୍‌ଟାଇନ୍‌ରେ କିଣା ଯାଇଥିବା ଖଟିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନରେ ଅନିୟମିତତା, ଜାଗାମିଶନ, ହୋଲଡିଂ ଟିକସ, ପୌରପାଳିକାରେ ନିୟୋଜିତ ଥିବା ଡ୍ରାଇଭର, ରାସନ ସାମଗ୍ରୀ ହରିଲୁଟ, ଉନ୍ନତି ଯୋଜନା ଓ ସ୍ୱଚ୍ଛଭାରତ ଆଦି ଯୋଜନାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଆରଟିଆଇରେ ମିଳିଥିବା ତଥ୍ୟ ତଥା ଅଡିଟ ରିପୋର୍ଟକୁ ଆଧାର କରି ମନୋଜ ତଥ୍ୟ ହାସଲ କରିଥିଲେ । ତଥ୍ୟ ଆଧାରକୁ ଭିତ୍ତିକରି ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ବିଭାଗ ତରଫରୁ ଆଠଗଡ ପୌରନିର୍ବାହୀ ଅଧିକାରୀ ପ୍ରଦୀପ ସାହା, ବାଙ୍କୀ ନିର୍ବାହୀ ଅଧିକାରୀ ସଂପତ କୁମାର ସ୍ୱାଇଁ, ଚୌଦ୍ୱାର ପୌରନିର୍ବାହୀ ଅଧିକାରୀଙ୍କ ସମେତ ଡୁଡାର ଅକ୍ଷୟ କୁମାର ମିଶ୍ର, ସଞ୍ଜୟ କୁମାର ସାମନ୍ତ ଓ ନିହାର ରଞ୍ଜନ ନାୟକ ପ୍ରମୁଖ ଅଧିକାରୀ ଚୌଦ୍ୱାର ପୌରପାଳିକାର ବିଭିନ୍ନ ବିଭାଗର ଫାଇଲ୍ ଯାଞ୍ଚ କରିବା ସହିତ ଉକ୍ତ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ଫେରିଛନ୍ତି । ତେବେ ଏହି ପ୍ରକ୍ରୀୟା ଜାରୀ ରହିବ ବୋଲି ଡୁଡାର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଚପୁରିଆ ପକ୍ଷରୁ ତମାଖୁ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସାରା ଭାରତରେ ତମାଖୁ ସେବନ କରି ପ୍ରତି ବର୍ଷ କର୍କଟ, ହୃଦରୋଗ, ଶ୍ୱାସଜନିତ ରୋଗ, ମଧୁମେହ, ମସ୍ତିଷ୍କାଘାତ ଆଦି ରୋଗରେ ପୀଡିତ ହୋଇ ୨୮ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁ ମୁଖରେ ପଡୁଛନ୍ତି । ତମାଖୁ କିପରି ନିୟନ୍ତ୍ରଣ ହେବ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଭିଯାନ କାର୍ଯ୍ୟକ୍ରମ ଜାରିରହିଛି । ଉକ୍ତ ଅଭିଯାନ ମାଧ୍ୟମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ଲକର ବିଭିନ୍ନ ଗ୍ରାମଗୁଡିକରେ ବୁଲି ବୁଲି ସଚେତନ କରାଯାଉଛି । ଏହା ଦ୍ୱାରା ଅନେକ ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ବାଲିଯାତ୍ରାରେ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ସହରାଞ୍ଚଳ ଘର ବଗିଚା ଷ୍ଟଲ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ କଟକ ବାଲିଯାତ୍ରାରେ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର (ଚେସ୍), ଭୁବନେଶ୍ୱର (ICAR-IIHR), ତରଫରୁ ଲୋକଙ୍କୁ ଛାତ ଏବଂ ଘର ବଗିଚା ଆପଣେଇବା ସହ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ଉଦ୍ୟାନ ବିଭାଗ ଷ୍ଟଲ୍ ପରିସରରେ ଖୋଲିଥିବା ଏକ ପ୍ରଦର୍ଶନୀ ଏବେ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ହୋଇଛି । ଏହି ଷ୍ଟଲ୍‌ରେ, ଚେସ୍ ଦ୍ୱାରା ସଞ୍ଚାଳିତ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ବିତ୍ତ-ପୋଷିତ ଏକ ନବନ୍ୱେଷୀ ପରିଯୋଜନା ଅନ୍ତର୍ଗତ ସହରାଞ୍ଚଳ ବାସୀଙ୍କ ପାଇଁ ବୈଜ୍ଞାନିକ ପଦ୍ଧତିରେ ଛାତ ଉପର ବଗିଚା ଓ ଘର ବଗିଚାକୁ ଆପଣେଇବା ପାଇଁ ପ୍ରଦର୍ଶନୀ ମାଧ୍ୟମରେ ଜ୍ଞାନ କୌଶଳ ଦିଆଯାଉଛି ଓ ସହରୀ ଲୋକମାନେ ନିଜ ଘରର ପାର୍ଶ୍ୱବର୍ତ୍ତୀ ସ୍ଥାନ, ଘର ଭିତର ଛାତ ଉପର ଏବଂ ବାଲକୋନୀ ଆଦି ସ୍ଥାନର ସଦୁପଯୋଗ କରି କିପରି ବିବିଧ ପ୍ରଜାତି ଫଳ, ପନିପରିବା, ଫୁଲ, ଆଳଙ୍କାରିକ, ଔଷଧୀୟ ଉଦ୍ଭିଦ କିସମ ଲଗାଇ ପାରିବେ ସେ ସମ୍ବନ୍ଧରେ ଅବଗତ କରାଯାଉଛି । ଏହି ଷ୍ଟଲ୍‌ରେ ICAR-IIHR ଦ୍ୱାରା ଛାତ ବଗିଚା ଓ ଘର ବଗିଚା ପାଇଁ ବ୍ୟବହାର ନୂତନ ଅଭିନବ ପ୍ରଯୁକ୍ତି ବିଦ୍ୟା ଯେପରି ଜୀବାଣୁ ଆଧାରିତ ଅର୍କା ମାଇକ୍ରୋବିୟଲ କନସୋର୍ଟିୟମ୍, ଅର୍କା ଫାର୍ମେଣ୍ଟେଡ କୋକୋପିଟ୍ (ନଡ଼ିଆ କତା ଗୁଣ୍ଡ), ଅର୍କା ଶସ୍ୟ ପୋଷକ ରସ, ଅର୍କା ଭେଜେଟେବୁଲ ସ୍ପେଶାଲ, ଅର୍କା ଡିକମ୍ପୋଜର, ଅର୍କା ବିହନ କିଟ, ବିନା ମାଟି ହାଇଡ୍ରୋପୋନିକ୍ ଓ କୋକୋପୋନିକ ଚାଷ, ଉପଯୋଗ ସମ୍ବନ୍ଧରେ ଅବଗତ କରାଯାଉଛି ଓ ଏହା ସହିତ ବିଭିନ୍ନ ପ୍ରକାର ଭୁଲମ୍ବ ବଗିଚା (ଭର୍ଟିକେଓଲ ଗାର୍ଡେନ) ଓ ଲତା ଜାତୀୟ ପନିପରିବା ପାଇଁ କୁଣ୍ଡ ଆଧାରିତ ରଞ୍ଜା ପଦ୍ଧତି ମଧ୍ୟ ପ୍ରଦର୍ଶିତ କରାଯାଉଛି । ଏହା ସହ ଏକ ଘର ବଗିଚା ପାଇଁ ଆବଶ୍ୟକ ହେଉଥିବା ଉତ୍ତମ ମାନର ମଞ୍ଜି, ଚାରା, ବିଭିନ୍ନ ପ୍ରକାର କୁଣ୍ଡ ଓ ଜୈବିକ ଖାଦ୍ୟସାର, ବୁନ୍ଦା ଜଳ ସିଞ୍ଚନ ପଦ୍ଧତି, ଆନୁଷଙ୍ଗିକ ଉଦ୍ୟାନ ସାମଗ୍ରୀ ଯେପରିକି ଖୁର୍ପି, ଡାଳ କଟା କଇଁଚି, ଝରା, ପ୍ରୋ-ଟ୍ରେ ଇତ୍ୟାଦି ଉତ୍ପାଦ ଗୁଡିକ ବିଷୟରେ ପ୍ରଦର୍ଶନ ମାଧ୍ୟମରେ ଜଣାଇ ଦିଆଯାଉଛି ଓ ଏହା ସହ ସମସ୍ତ ସାମଗ୍ରୀର ସଠିକ୍ ଉସ୍ର ଓ ବ୍ୟବହାର ସର୍ବୋପରି ଏକ ଉଦ୍ୟାନ ଆରମ୍ଭ କରିବା ପୂର୍ବରୁ ବିଭିନ୍ନ ଆନୁସଙ୍ଗିକ ବସ୍ତୁ ସମ୍ବନ୍ଧରେ ଏଠାରେ ବିଶେଷ ଜ୍ଞାନ ପ୍ରଦାନ ସହ ଲୋକଙ୍କୁ ସଚେତନ କରାଯାଉଛି । ସ୍ୱଳ୍ପ ସ୍ଥାନ ଥିବା ଆଗ୍ରହୀ ସହରାଞ୍ଚଳ ଲୋକମାନଙ୍କ ପାଇଁ ବେଶ୍ ଉପାଦେୟ ଯୁକ୍ତ ଅର୍କା ଭର୍ଟିକେଓଲ ଗାର୍ଡେନ ପ୍ରଦର୍ଶିତ କରାଯାଇଛି । ଏହି ଭୁଲମ୍ବ ବଗିଚାରେ ମାତ୍ର ଏକ ବର୍ଗ ମିଟର ସ୍ଥାନରେ ୧୬ଟି କୁଣ୍ଡ ରଖା ଯାଇପାରୁଛି । ଏହି ଭୁଲମ୍ବ ବଗିଚାରେ ବୁନ୍ଦା ଜଳସିଞ୍ଚନ ବ୍ୟବସ୍ଥା ମଧ୍ୟ ରହିଛି । ଏହାର ଉପଯୋଗୀତା ଓ ଉପାଦେୟତା ସମ୍ବନ୍ଧରେ ସହରୀ ଲୋକ ମାନେ ଏହି ଷ୍ଟଲ୍ ମାଧ୍ୟମରେ ପ୍ରତ୍ୟକ୍ଷ ଅନୁଭବ କରିପାରୁଛନ୍ତି । ବାଲିଯାତ୍ରା ଅବସରରେ ସହରୀ ଲୋକମାନେ ଏହିପରି ଅଭିନବ ବଗିଚା ସମ୍ବନ୍ଧରେ ଜାଣି, ବଗିଚା ଓ ଘର ବଗିଚାକୁ ଆପଣେଇ ସହରୀ ପରିବେଶକୁ ସୌନ୍ଦର୍ଯ୍ୟମୟ ରଖିବା ଏବଂ ପୁଷ୍ଟିକର ଉଦ୍ୟାନିକ ଉତ୍ପାଦ ପାଇବା ସହ ନିଜ ଓ ନିଜ ପରିବାରର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରଖିପାରିବେ ବୋଲି ପ୍ରକଳ୍ପର ଅନ୍ୱେଷକ ତଥା କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଡଃ ପି. ଶ୍ରୀନିବାସ ମତବ୍ୟକ୍ତ କରିଛନ୍ତି ।

## ବ୍ଲକ ସ୍ତରୀୟ ଲୋକ ମହୋତ୍ସବ 'ପରବ' ଉଦ୍‌ଘାଟିତ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକରେ ଲୋକ ମହୋତ୍ସବ ପରବ-୨୦୨୪ର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଅପରାହ୍ନରେ ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, କଳା ପ୍ରେମୀ ଓ ସରକାରୀ କର୍ମଚାରୀ ମାନେ ବ୍ଲକ କାର୍ଯ୍ୟାଳୟ ରୁ ପରବ ମଶାଲ ନେଇ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ପହଞ୍ଚି ଥିଲେ । ପଟାଙ୍ଗୀ ବିଧାୟକ ରାମ ଚନ୍ଦ୍ର କାଡାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପରବ ପତାକା ଉତ୍ତୋଳନ କରି ପରବ ମଞ୍ଚର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତୁଲ୍, ଉପାଧକ୍ଷ ଗୋପାଳ ହନ୍ତାଳ, ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଙ୍ଗି, ଶେଖ ଗଫୁର, ବିଜେଡ଼ି ବ୍ଲକ ସଭାପତି କାଶୀନାଥ ଗୋଲୋରୀ, ମୁନା ଦଳପତି, ଶିଶୁ ବିକାଶ ଅଧିକାରୀ ମିନତି ବାଳା ପଟ୍ଟନାୟକ, ନନ୍ଦପୁର ଥାନା ପ୍ରଭାରୀ ଅଧିକାରୀ ପାଣ୍ଡବ ଶବର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ମଞ୍ଚରେ ନନ୍ଦପୁରର କଳା ପ୍ରେମୀ ତଥା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଟଙ୍କ ଖରାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ ।

## ଦୋକାନଘର ତାଡ଼ି ନେଇଗଲେ ଦୁଇଲକ୍ଷ ଟଙ୍କାର ସାମଗ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡହାଟ ଭିତରେ ଥିବା ଏକ ତେଜରାତି ଦୋକାନ ବିଳମ୍ବିତ ରାତିରେ ଆଜ୍‌ବେଷ୍ଟସ୍ ତାଡି ପ୍ରାୟ ଦୁଇ ଲକ୍ଷ ଟଙ୍କାର ମୂଲ୍ୟବାନ୍ ଜିନିଷ ଗୁଡିକୁ ନେଇଯାଇଛନ୍ତି । ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ବାଡେଇ ଭାଙ୍ଗିବା ପରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି । ସକାଳେ ଦୋକାନ ମାଲିକ ହେମନ୍ତ କୁମାର ସାହୁ ଟାଉନ୍ ଥାନାରେ ଅଭିଯୋଗ କଲାପରେ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

# ଅକ୍ଷୟ ଶକ୍ତି ଆପଣାଇବା ପାଇଁ ବାଲିଯାତ୍ରାରେ ସଚେତନତା ସୃଷ୍ଟି କରୁଛି ଗ୍ରୀଡ଼କୋ

**କଟକ, ନ୍ୟୁଜ୍ ବ୍ୟୁରୋ**




ଚଳିତ ବର୍ଷ କଟକ ବାଲିଯାତ୍ରାରେ ରାଜ୍ୟ ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା ବା RENEWABLE ENERGY NODAL AGENCY ଗ୍ରିଡକୋ ପକ୍ଷରୁ ଏକ ପେଭିଲିଅନ୍ ସ୍ଥାପନ କରାଯାଇଛି । ଏହି ପେଭିଲିଅନ୍‌ରେ ଅକ୍ଷୟ ଶକ୍ତିକୁ କିଭଳି ସମସ୍ତେ ଖୁବ୍‌ଶୀଘ୍ର ଆପଣାଇପାରିବେ, ସେ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି । ଏଥିସହିତ ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ନିମନ୍ତେ ଥିବା ବ୍ୟାପକ ସୁଯୋଗ ଏବଂ ଏ ଦିଗରେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ସମ୍ପର୍କୀତ ତଥ୍ୟ ମଧ୍ୟ ପେଭିଲିଆନରେ ସ୍ଥାନ ପାଇଛି । ଏଥିସହିତ ଏଠାରେ ରହିଛି ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟର ଏକ ମଡେଲ, ଯାହାଦ୍ୱାରା ହାଇଡ୍ରୋଜେନ୍ ଭଳି ସବୁଜ ଶକ୍ତିର ବ୍ୟବହାର କରି କିପରି ବଡ଼ ବଡ ଶିଳ୍ପ କାର୍ଯ୍ୟକ୍ଷମ ହୋଇପାରିବ, ସେ ସମ୍ପର୍କରେ ଦର୍ଶଯାଉଛି । ତା ସାଙ୍ଗକୁ ରହିଛି ହାଇଡ୍ରୋଜେନ୍ ଦ୍ୱାରା କିଭଳି ଗାଡି ମୋଟର ଆଦି ଚାଲିପାରିବ ତାର ଏକ ମଡେଲ୍ । ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ବସ୍ ଗାଡି ଆଦିରୁ ଆଉ ଧୂଆଁ ନୁହଁ ପାଣି ବାହାରିବ ବୋଲି ଦର୍ଶଯାଉଛି । ସେହିପରି ପି. ଏମ୍ ସୂର୍ଯ୍ୟଘର ଯୋଜନାରେ କିଭଳି ଲୋକମାନେ ସୁବିଧାରେ ସୌର ଶକ୍ତି ବ୍ୟବହାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜ ବିଜୁଳି ବିଲ୍‌କୁ କମାଇପାରିବେ ବା ସମ୍ପୂର୍ଣ୍ଣ ଦେୟମୁକ୍ତ କରିପାରିବେ, ସେ ସମ୍ପର୍କରେ ଏକ ମଡେଲ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି । ଏତଦ୍‌ବ୍ୟତୀତ ଗ୍ରୀଡ଼କୋ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ୍ଲିକେସନ୍‌ର ମଧ୍ୟ ବିକାଶ କରାଯାଇଛି, ଯେଉଁଥିରେ ଲୋକେ ନିଜ ଘରର ପରିସୀମା ଅଞ୍ଚଳ ଦେଖିଲେ ତାଙ୍କ ଘର ନିମନ୍ତେ କେତେ ପରିମାଣର ସୌରଶକ୍ତି ଆବଶ୍ୟକ, ସେଥିଲାଗି କେତେ ଟଙ୍କା ଖର୍ଚ୍ଚ ହେବ, ଉକ୍ତ ଖର୍ଚ୍ଚରୁ କେତେ ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡି ଆକାରରେ ପ୍ରଦାନ କରିବେ, ଆଉ କେତେ ବଳକା ଟଙ୍କା ଉପଭୋକ୍ତାଙ୍କୁ ଦେବାକୁ ପଡିବ ଏବଂ ଉକ୍ତ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ କିଭଳି ଭରଣା ହୋଇପାରିବ ଇତ୍ୟାଦି ବିଷୟରେ ଜାଣିବାକୁ ମିଳୁଛି । ଏଥିସହିତ ଏଠାରେ ରହିଛି ପବନ ଶକ୍ତି ସମ୍ପର୍କିତ ଏକ ସୁନ୍ଦର ମଡେଲ୍ । ପବନ ଶକ୍ତି ମାଧ୍ୟମରେ କିଭଳି ୨୪ ଘଣ୍ଟିଆ ବିଜୁଳି ଉତ୍ପାଦନ ହୋଇପାରିବ, ସେ ସମ୍ପର୍କରେ ଏହି ମଡେଲ ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଉଛି । କେବଳ ସେତିକି ନୁହଁ, ଗ୍ରୀଡ଼କୋର ଏହି ପାଭିଲିଅନ୍‌ରେ ପ୍ରତିଦିନ ଚାଲିଛି କୁଇଜ୍ ଶୋ । ଯେଉଁଥିରେ ଭାଗ ନେବା ଲାଗି ବିଶେଷ କରି ଛାତ୍ର ଛାତ୍ରୀ ଓ ଯୁବ ବର୍ଗ ବେଶ ଭିଡ ଜମାଉଛନ୍ତି । କୁଇଜ୍‌ରେ ଠିକ୍ ଉତ୍ତର ଦେଉଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପାଭିଲିଅନ୍‌ରେ ଭିନ୍ନ ଭିନ୍ନ ଦିନ ମାନଙ୍କରେ ଅକ୍ଷୟ ଶକ୍ତି ସମ୍ପର୍କିତ ବୈଷୟିକ ସତ୍ର ମାନ ଅନୁଷ୍ଠିତ ହେଉଛି । ଯେଉଁଥିରେ ଉଭୟ ସ୍ଥାନୀୟ ଓ ଜାତୀୟ ସ୍ତରର ନିବେଶକ, ବିଶେଷଜ୍ଞ ଓ ଗ୍ରୀଡ଼କୋର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟରେ ଥିବା ଅପାର ସମ୍ଭାବନା ଓ ଏହାର ବିକାଶ ଦିଗରେ ଓଡ଼ିଶା ନବୀକରଣ ଶକ୍ତି ନୀତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରୁଛନ୍ତି । ଏହି ନୀତି ମାଧ୍ୟମରେ ନିବେଶକ ମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସହାୟତା ଓ ସୁବିଧା ସମ୍ପର୍କରେ ସେମାନଙ୍କୁ ଏଠାରେ ଅବଗତ କରାଯାଉଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତାରେ ପାଞ୍ଚ ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଉପସ୍ଥିତ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଗୁରୁଜନ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ଉପରୋକ୍ତ ମହାପୁରୁଷ ମାନଙ୍କର ଜୀବନ ଶୈଳୀ ଓ କାହାଣୀ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ତତ୍‌ସହିତ ଆଜିର ପିଢ଼ି ଆଗାମୀ ଭବିଷ୍ୟତ ନାଗରୀକ ଆଧାତ୍ମିକ ମାର୍ଗରେ ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି ରାଧାକାନ୍ତ ଦାଶ, ସମ୍ପାଦକ ଡ଼. ପ୍ରଭାକର ତ୍ରିପାଠୀ, ସଂଗ୍ରାମୀ ସ୍ମାରକୀ ପୀଠ ବରିଷ୍ଠ ଉପଦେଷ୍ଟା ସୁବାଷ ଚନ୍ଦ୍ର ପଣ୍ଡା, ପୁରାତନ ଛାତ୍ର ସାଂସଦ ରମ୍ଭା ହାଇସ୍କୁଲ୍ ସଭାପତି ପ୍ରସାଦ ରାଓ ପୃଷ୍ଟି, ପ୍ରଧାନ ଆର୍ଚ୍ଚର୍ଯ୍ୟ ଶ୍ରୀଧର ପ୍ରଧାନ, ବିଦ୍ୟା ମନ୍ଦିରର ସଭାପତି ଏମ. ନରସିଂହ ସୁବୁଦ୍ଧି ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ ମିଶ୍ର, ସତ୍ୟନାରାୟଣ ସୁବୁଦ୍ଧି, ସୁଦର୍ଶନ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ରହିଥିଲେ । ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ପ୍ରକାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ନିକଟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ରମ୍ଭାରେ ୪୧ ଗୋଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉପରେ ଆଲୋଚନା ପର୍ଯ୍ୟାଲୋଚନା ସାଙ୍ଗକୁ ନିର୍ଦ୍ଧାରିତ ସମୟ ସିମା ଭିତରେ ଉନ୍ମୋଚନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିଲା ।

## ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ସତ୍ୟସାଇ ବାବାଙ୍କ ୯୯ ତମ ଜନ୍ମୋତ୍ସବ ଅବସରରେ ରାମଗଡ଼ ପଞ୍ଚାୟତ ସଭାଗୃହ ଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ତରଫରୁ 'ପ୍ରେମ ସଂଜୀବନୀ' ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ସରପଞ୍ଚ ପ୍ରଭାସିନୀ ଯୋଶୀ ସ୍ୱେଚ୍ଛାକୃତ ରକ୍ତଦାନ କରି ଶିବିରକୁ ଶୁଭ ଉଦ୍‌ଘାଟନ କରିଥିବା ସହିତ ରକ୍ତଦାତା ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଡ଼ା ପ୍ରିୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ସଭାପତି ଶ୍ରୀ ସତ୍ୟସାଇ ସେବା ସଂଗଠନ ବୌଦ୍ଧ, ମୁଖ୍ୟ ଅତିଥିଭାବେ ରାମଗଡ଼ ସରପଞ୍ଚ ପ୍ରଭାସିନୀ ଯୋଶୀ, ଡ଼ା ଚିନ୍ମୟ ବ୍ରହ୍ମା ମେଡିକାଲ ଅଫିସର, ଶିବିର ପରିଚାଳକ ବିଜନ୍ କୁମାର ମହାନ୍ତି ଓ ଶୁଭେନ୍ଦୁ କୁମାର ଯୋଶୀ ଉପସ୍ଥିତ ଥିବାବେଳେ ସୀବ କୁମାର ପ୍ରଧାନ, ବିଜୟ ବଘାର, ସୁରେଶ ଦେହୁରୀ, ଅସ୍ମିଲ ଗାଈ ଗୌରିଆ ସହଯୋଗ କରିଥିଲେ । ମେଡିକାଲ ଟିମଜରେ ଦିଲ୍ଲିପ କୁମାର ଭୋଇ, ଯୋଦ୍ଧା ଶବର, ବନଜ କୁମାର ପ୍ରଧାନ, ସୁରଜ୍ ଭୋକ୍ତା ଉପସ୍ଥିତ ରହି ରକ୍ତ ନମୁନା ପରୀକ୍ଷା ସହିତ ରକ୍ତ ସଂଗ୍ରହ କରିଥିଲେ ।

## ଜହ୍ନାପଙ୍କ ହାଇସ୍କୁଲ୍ ୨୦୧୧ ମେଟ୍ରିକ୍ ବ୍ୟାଚ୍‌ର ଗୁରୁ ପୂଜନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ୨୦୧୧ ମେଟ୍ରିକ୍ ବ୍ୟାଚର ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପସ୍ଥିତ ଗୁରୁମାନଙ୍କୁ ପୂଜା କରି ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ମନୋଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗୁରୁ ପୂଜନ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବୁଦାରାମ ପ୍ରଧାନ, ପ୍ରମୋଦ କୁମାର ଚାନ୍ଦ, ସୁରେନ୍ଦ୍ର କୁମାର ମଲ୍ଲିକ, ରାଜେନ୍ଦ୍ର ଗାଈଗୌରୀଆ, ଜଗନ୍ନାଥ ବେହେରା, ଆଦିତ୍ୟ କୁମାର ପ୍ରଧାନ, କର୍ମଚାରୀ ବିନୋଦ ପ୍ରଧାନ, କୃପାସିନ୍ଧୁ ମିର୍ଦ୍ଧା ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ଶିକ୍ଷକମାନେ ପ୍ରଶଂସା କରିବା ସହିତ ଗୁରୁ ଓ ଛାତ୍ରଙ୍କ ଦୂରତ୍ୱକୁ ନିକଟତର ହେବାର ଏହା ଏକ ପ୍ରୟାସ । ହାଇସ୍କୁଲ୍‌ରୁ କୃତକାର୍ଯ୍ୟ ହେଲାପରେ ବହୁ ଛାତ୍ରଛାତ୍ରୀ ବାହାରେ ପାଠ ପଢିବା ଯୋଗୁଁ ଗୁରୁ ମାନଙ୍କ ସହିତ ଯୋଗାଯୋଗ ହୋଇପାରୁନାହିଁ । ତେଣୁ ସମ୍ପର୍କକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଛାତ୍ରୀ ମମତା ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାକାନ୍ତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସତ୍ୟାନନ୍ଦ ବେହେରା, ପରେଶ୍ୱର କର୍ଣ୍ଣ, ଅଜୟ ମେହେର, ଉତ୍ତମ ସାହୁ, ମାନଭଞ୍ଜନ ସାହୁ, ଲୋକନାଥ ମେହେର, ଗୋପାଳ ଭୋଇ, ମନୋଜ ମେହେର, ମମତା ମେହେର, ସ୍ମୃତି ମଞ୍ଜରୀ ମଲିକ, ରିନା ପ୍ରଧାନ, ମିତାଳି ବଘାର, ସୌମ୍ୟରଞ୍ଜନ ପ୍ରଧାନ, ଅମିୟ ନାୟକ, ମୋନାଜ୍ ମହାନ୍ତି, ଧର୍ମେନ୍ଦ୍ର ମେହେର, ମିନତି ପାଢ଼ୀ, ଅନିତା ପ୍ରଧାନ, ଅଞ୍ଜଳି ପ୍ରଧାନ, ଅଞ୍ଜନା ବାରିକ, ସନ୍ତୋଷିନୀ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ୪୫୨ ହୃଦ୍‌ରୋଗୀଙ୍କ ପରିବାରରେ ହସ ଫୁଟାଇଛି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ଜିଲ୍ଲାରୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ୱାରା ଚିହ୍ନଟ ହୋଇଥିବା ୨୮ ଜଣ ହୃଦ୍‌ରୋଗୀ ବ୍ରହ୍ମପୁରରୁ ରେଳ ଯୋଗେ ମୁମ୍ବାଇର ଏସ୍‌ଆର୍‌ସିସି (ନାରାୟଣ) ହୃଦୟାଳୟକୁ ଅସ୍ତ୍ରୋପଚାର ପାଇଁ ଯାଇଛନ୍ତି । ସୂଚନା ଅନୁସାରେ ଏହି ସମସ୍ତ ଶିଶୁ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଟିମ୍‌ରେ ଥିବା ଆୟୁଷ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ ହୋଇଥିଲା । ଏହିପରି ଭାବେ ଗଞ୍ଜାମ ଜିଲ୍ଲାରେ ପ୍ରତ୍ୟେକ ବ୍ଲକରେ ୨ଟି ଲେଖାଏଁ ଆର୍‌ବିଏସ୍‌କେ ଟିମ୍ ଅଛନ୍ତି, ସେମାନଙ୍କ ମଧ୍ୟରେ ପ୍ରତ୍ୟେକ ଟିମ୍‌ରେ ଜଣେ ପୁରୁଷ ଆୟୁଷ ଡାକ୍ତର, ଜଣେ ମହିଳା ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ ଓ ଜଣେ ଏଏନ୍‌ଏମ୍ ଅଛନ୍ତି । ସେମାନେ ଅଙ୍ଗନବାଡ଼ି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜନ୍ମରୁ ଅଠର ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି । ସେମାନଙ୍କର ୩୮ ପ୍ରକାର ସ୍ୱାସ୍ଥ୍ୟ ଅବସ୍ଥା ପରୀକ୍ଷା କରି ଉନ୍ନତ ସ୍ୱାସ୍ଥ୍ୟ ନିମନ୍ତେ ସିଟି ହସ୍ପିଟାଲ୍‌ରେ ଥିବା ଡିଇଆଇସିକୁ ନେଇଥାନ୍ତି । ଏହି କାର୍ଯ୍ୟକ୍ରମ ୨୦୧୩ରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଅନେକ ଶିଶୁଙ୍କ ସଫଳ ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ମାଗଣାରେ କରିଆସୁଛି । ଅଦ୍ୟାବଧି ୪୫୨ ଜଣ ଶିଶୁଙ୍କ ସଫଳ ଅସ୍ତ୍ରୋପଚାର ହୋଇସାରିଛି । ଏହି ସେବା ଆଗକୁ ମଧ୍ୟ ଜାରିରହିବ । ଗଞ୍ଜାମ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡା ଓ ଉପମୁଖ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ମୁଖ୍ୟ ପରିଚାଳକ ଶ୍ୟାମସୁନ୍ଦର ତ୍ରିପାଠୀ, ଡିଏମ୍‌ଆରସିଏଚ ଶକ୍ତି ଦିଗଲ ଶିଶୁଙ୍କ ସଫଳ ଚିକିତ୍ସାର କାମନା କରିଛନ୍ତି । ଆରବିଏସ୍‌କେ ସହ ପରିଚାଳକ ସୁଶ୍ରୀ ଲୋପାମୁଦ୍ରା ମିଶ୍ର, ଡାଟା ଅପେରଟର ନିହାର ରଞ୍ଜନ ସେଠୀଙ୍କ ସହଯୋଗରେ ଓ ଆୟୁଷ ଡାକ୍ତର କିରଣ କୁମାର ପଣ୍ଡିତ, ଡା. ସତ୍ୟନାରାୟଣ ପଲାଇ, ଡା. ଅରୁଣ ସାହୁ ଶିଶୁମାନଙ୍କ ସାଥିରେ ଯାଇଛନ୍ତି । ଗଞ୍ଜାମ ଜିଲ୍ଲାର ସମସ୍ତ ଆରବିଏସ୍‌କେ କର୍ମଚାରୀ ସଫଳ ଚିକିତ୍ସାର କାମନା କରିଛନ୍ତି ।

## ସାମ୍ବାଦିକ ମହାପାତ୍ର ଭାସ୍କର ଗନ୍ତାୟତଙ୍କ ପରଲୋକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖ୍ୟାତନାମା ସାହିତ୍ୟିକ, ଲେଖକ, ଉପନ୍ୟାସିକ, ବରିଷ୍ଠ ସାମ୍ବାଦିକ ଶ୍ରୀ ମହାପାତ୍ର ଭାସ୍କର ଗନ୍ତାୟତ (୭୩ ବର୍ଷ)ଙ୍କ ମଙ୍ଗଳବାର ଭୋର୍‌ରେ ଖଜୁରିଆ ସ୍ଥିତ ତାଙ୍କ ବାସ ଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ଧର୍ମପତ୍ନୀ ସୌଦାମିନୀ, ପୁଅ କାହ୍ନା, ଆଦିତ୍ୟ ପ୍ରସାଦ, ରାଜରାଜ, ଝିଅ ସୃଜନୀ ପ୍ରିୟ ଦର୍ଶନୀ ଗନ୍ତାୟତ, ଜ୍ୱାଇଁ ଯଜ୍ଞ ନାରାୟଣ ସାହୁ, ବୋହୂ ଆକାଂକ୍ଷା ରାଜବଂଶୀ, ବସନ୍ତା କୋପୁଲା ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ମହାପାତ୍ର ଭାସ୍କର ଗନ୍ତାୟତଙ୍କ ଅନନ୍ୟ ସାହିତ୍ୟ କୃତି ମଧ୍ୟରେ ଶେଷ ବିଂଶର ଯୀଶୁ ବାଟବଣା ନଈ ଓ ସମୁଦ୍ର ବିଶେଷ ଭାବେ ଚର୍ଚ୍ଚିତ ଉପନ୍ୟାସ । ଏହା ବ୍ୟତୀତ ସେ ସ୍ୱଦେଶୀ ଲେଖକ ମଞ୍ଚର ଅଧ୍ୟକ୍ଷ ଭାବେ ବିଜୁ ମହାନାୟକ ପୁସ୍ତକ ପ୍ରକାଶ କରିଛନ୍ତି । ବିଶିଷ୍ଟ ଔପନ୍ୟାସିକ ଶରତ ଚନ୍ଦ୍ର ଚଟୋପାଧ୍ୟାୟଙ୍କ କୋରେଲର ସେ ଅନୁବାଦ କରିଛନ୍ତି । ଅନାମ ପୁରୁଷଙ୍କ ବ୍ୟକ୍ତିତ୍ୱ ଉପରେ ଆଧାରିତ ଅଷ୍ଟକଥା ଚରିତ ପୁସ୍ତକ ସେ ସଂଯୋଜନା କରିଥିଲେ । ଦୀର୍ଘ ବର୍ଷ ଧରି ସ୍ୱର୍ଗତ ଗନ୍ତାୟତ ଦୈନିକ ଆଶା ସମ୍ବାଦପତ୍ର ସଂସ୍ଥାରେ ସହ ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଏହା ବ୍ୟତୀତ କାବ୍ୟ, କବିତା, ଗଳ୍ପ ଇତ୍ୟାଦି ସେ ଦୀର୍ଘ ୫୦ ବର୍ଷ ପୂର୍ବରୁ କଟକର ସ୍ୱର୍ଗତ ମଧୁସୂଦନ ମହାନ୍ତିଙ୍କ ମଧୁ କୁଟୀରରେ ଥିବା ସମୟରୁ କରି ଓଡ଼ିଶାର ସାହିତ୍ୟିକ, କବି, ସମାଲୋଚକ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ । ଏହା ବ୍ୟତୀତ ଶତାଧିକ ପୁସ୍ତକ ସେ ସମ୍ପାଦନା କରିଛନ୍ତି । ସେ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ବାସ୍ତବବାଦୀ ଲେଖକ ଭାବେ ସେ ବେଶ୍ ପରିଚିତ । ତାଙ୍କ ବିୟୋଗରେ ଦୈନିକ ଅଶାର ସମ୍ପାଦକ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରମୁଖ ବ୍ୟକ୍ତିମାନେ ଗଭୀର ଶୋକ ପ୍ରକାଶ କରି ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଖଜୁରିଆ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## 'ନିଶାମୁକ୍ତ ଭାରତ ଅଭିଯାନ' ସଚେତନତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଜାତୀୟ ସେବା ଯୋଜନା ତରଫରୁ 'ନିଶାମୁକ୍ତ ଭାରତ ଅଭିଯାନ' ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ ଏହି ସଭାରେ ଅଧ୍ୟକ୍ଷତା କରି ନିଶାମୁକ୍ତ ଭାରତ ଅଭିଯାନ ସୃଷ୍ଟି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସହକାରୀ ପ୍ରଫେସର ନିରୁପମା ଭୁଏ ଓ କାର୍ଯ୍ୟକ୍ରମ ଅଧିକାରୀ ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏ ନିଶାମୁକ୍ତ ଭାରତ ଅଭିଯାନ ଭଳି ଏକ ମହତ୍ କାର୍ଯ୍ୟକ୍ରମ ବିଷୟରେ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଇଥିଲେ । ଯୁକ୍ତଦୁଇ ସ୍ତରର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ସମେତ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ନାଁକୁ ମାତ୍ର 'ପରବ':ଲୋକଙ୍କୁ ଜଣାଇଲା ନାହିଁ ବ୍ଲକ ପ୍ରଶାସନ

**ସେମିଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସେମିଲିଗୁଡା ବ୍ଲକରେ ଦୁଇ ଦିନ ଧରି ଚାଲିଥିବା 'ପରବ' ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ଦିନରେ ଦିନ ସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ପରବ ମଞ୍ଚ ଫିକା ପଡ଼ିଥିଲା । ମଞ୍ଚରେ ଆସିଥିବା ଲୋକମାନଙ୍କୁ ବସିବାକୁ ଚୌକି ନଥିବାରୁ ପରବ ମଞ୍ଚରୁ ରାଗିଯାଇ ପଳେଇଯାଇଥିଲେ ଏବଂ ସାମ୍ବାଦିକ ପାଇଁ ମଧ୍ୟ ଖଣ୍ଡେ ଚୌକି ନଥିଲା । ସେମିଲିଗୁଡା ବ୍ଲକର ୧୭ ଗୋଟି ପଞ୍ଚାୟତର ଲୋକମାନଙ୍କୁ କୌଣସି ନିମନ୍ତ୍ରଣ ଜଣାଇ ନଥିବାରୁ ଗ୍ରାମାଞ୍ଚଳର ଲୋକମାନେ ମତ ପ୍ରକାଶ କରିଛନ୍ତି ଏବଂ ଆଦିବାସୀ କଳା ସଂସ୍କୃତିକୁ ବଜାୟ ରଖିବା ଉଦ୍ଦେଶ୍ୟ କରାଯାଉନାହିଁ । କାର୍ଯ୍ୟକ୍ରମ ଚାଲିଥିବା ବେଳେ ପାଣିର ବ୍ୟବସ୍ଥା ମଧ୍ୟ କିଛି ନଥିଲା । ପୂର୍ବ ବର୍ଷ 'ପରବ'ରେ ସରପଞ୍ଚ ଓ ସମିତି ମେମ୍ବର ମାନଙ୍କ ଦ୍ୱାରା ଗତ ବର୍ଷ ପରବରେ ବହୁତ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା । କିନ୍ତୁ ଏ ବର୍ଷ ପରବରେ ଖାଲି ବ୍ଲକ ଷ୍ଟାଫ୍ ହିଁ 'ପରବ' କରିଛନ୍ତି ବୋଲି ଗ୍ରାମାଞ୍ଚଳର ଲୋକମାନେ ମତ ପ୍ରକାଶ କରିଥିବା ବେଳେ କୌଣସି ସରପଞ୍ଚ ଏବଂ ସମିତି ସଭ୍ୟ/ସଭ୍ୟା ମାନଙ୍କୁ ପରବ ନିମନ୍ତ୍ରଣ ପତ୍ର ନ ଦେଇ ଅଣଦେଖା କରିଥିବା ମତ ପ୍ରକାଶ କରିଛନ୍ତି । ନିଜେ ନିଜେ ବ୍ଲକ ଷ୍ଟାଫ୍ ଏବଂ କିଛି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ହିଁ 'ପରବ' ମଞ୍ଚରେ ହିଁ ଦେଖିବାକୁ ମିଳିଥିଲା । ନାମକୁ ମାତ୍ର 'ପରବ' ନା ତରବରିଆ ଭାବରେ ପରବ ପାଳିତ କରିଥିବା ଦେଖିବାକୁ ମିଳିଥିଲା । ମଞ୍ଚରେ ମୋଉରୀ କଳାକାରଙ୍କୁ ଅସମ୍ମାନ କରିଥିବା ବେଳେ ହଜି ଯାଇଥିବା ଲୋକ ପ୍ରତିଭାକୁ କେମିତି ବଞ୍ଚାଇ ରଖିବା ପାଇଁ ସେ ବିଭିନ୍ନ ଆଦିବାସୀ ପରଜା ଗଦବା, କନ୍ଧ ସମ୍ପ୍ରଦାୟ ଲୋକଙ୍କ କଳା ସଂସ୍କୃତି ଗୀତ, ଢୋଲ, ମହୁରି, ଢୁଡୁଙ୍ଗା କାଟି ନାଚ, ପ୍ରଦକ୍ଷଣ ହେଉଥିବା ଅର୍ଜ୍ଜୁନ କୁଳଦୀପ ବିରୋଧ କିରିଛନ୍ତି ଏବଂ ଆଗାମୀ ଦିନରେ ଏମିତି ନହେଉ ବୋଲି କହିଛନ୍ତି । ଏହି 'ପରବ' ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗଦେଇ 'ପରବ'ର ଆଦିବାସୀଙ୍କ ପରମ୍ପରାକୁ କିପରି ବଜାୟ ରଖିବା ସହ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭା କିପରି ଲୋକ ଲୋଚନକୁ ଅଣା ଯାଇପାରିବ ସେ ଉପରେ ନିଜ ନିଜ ମନ୍ତବ୍ୟ ପରିପ୍ରକାଶ କରିଥିଲେ । ପରମ୍ପରା, ମୋଉରି, ଟାମକ, ଡାପୁ ଆଦିବାସୀ ଢେମସା, କିନ୍ଦ୍ରୀ ଗୀତ, ଏହି ସବୁ ପରମ୍ପରା ଲୋକଲୋଚନକୁ ଆସିବା ଦରକାର । ଏହି ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ସେମିଲିଗୁଡା ତହସିଲଦାର ଦେବବ୍ରତ କରାଟେ, ସାଂସଦ ପ୍ରତିନିଧି ଜଗତରାୟ ନବ୍ରୁଡ଼ି ଯୋଗ ଦେଇଥିଲେ । ଉପସ୍ଥିତ ଥିବା ଅଥିତିମାନେ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସେମିଲିଗୁଡା ବ୍ଲକ ଅଧକ୍ଷା ଲିଲି ଅଷ୍ଟବିଡ଼ିଆ, ଉପାଧକ୍ଷ ଶିବା ବାଙ୍ଗାରି, ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୫ରେ କାର୍ତ୍ତିକେଶ୍ୱର ମେଢ଼ ଭସାଣ ଉତ୍ସବ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ମେଲାଣି ନେବେ ବାରଙ୍ଗ ପ୍ରସିଦ୍ଧ କାର୍ତ୍ତିକେୟ ମେଢ଼ ଏଥିପାଇଁ ସବୁ ପୂଜା କମିଟି ପକ୍ଷରୁ ୨୫ରେ ହେବାକୁ ଥିବା ଭସାଣ ଉତ୍ସବକୁ ମନଲୋଭା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହା ସହ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଭସାଣିକୁ ସାରିବା ପାଇଁ ଗୁରୁବାର ଆୟୋଜିତ ପ୍ରସ୍ତୁତ ବୈଠକ ବାରଙ୍ଗ ଥାନା ପରିସରରେ ଆଲୋଚନା ହୋଇଛି । ବାରଙ୍ଗ ଥାନା ପରିସରର ବୈଠକରେ ଏସିପି ଅମିତାଭ ମହାପାତ୍ର ବାରଙ୍ଗ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାରଙ୍ଗ ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତି, ବିଜୟ କୁମାର ପଣ୍ଡାଙ୍କ ସହ ଶାନ୍ତି କମିଟି ଅନ୍ୟାନ୍ୟ କର୍ମକର୍ତ୍ତା, ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକ ଉପସ୍ଥିତିରେ ଆୟୋଜିତ ବୈଠକରେ ଭସାଣି ସମୟରେ ସାମିଲ୍ ହେବାକୁ ଥିବା ସମୁଦାୟ ୨୬ଟି ମେଢ଼ କ୍ରମାନ୍ୱୟରେ ସମସ୍ତ ମେଢ଼ କେଉଁ ସମୟରେ କେଉଁ ଠାରୁ ଛାଡ଼ିବେ ସମୟ ପ୍ରସ୍ତୁତ ହୋଇଯାଇଛି । ତ୍ରିଶୁଳିଆ ଜଙ୍କସନ୍‌ରୁ ପ୍ରଥମେ ଗୋଠପୁର ମେଢ଼ ଅପରାହ୍ନ ୪ଟା ସମୟରେ ତ୍ରିଶୂଳିଆ ବଜାର ଛାଡ଼ିବ । ଏହାପରେ ପର୍ଯ୍ୟାୟ କ୍ରମେ ନରଣପୁର, ମୁଣ୍ଡମୁହାଣ, ଫକିରପଡ଼ା, ବେଲଗଛିଆ, ତ୍ରିଶୁଳିଆର ୨ଟି ମେଢ଼, କୁସିନ୍ଦା, କୃଷ୍ଣଚନ୍ଦ୍ରପୁରର ୨ଟି ମେଢ଼ ଯଥାକ୍ରମେ ୭ ଘଟିକାରେ ଛାଡ଼ିବ । ପ୍ରତ୍ୟେକ ମେଢ଼ର କ୍ରମାନ୍ୱୟରେ ୨୦ ମିନିଟ୍ ବ୍ୟବଧାନ ରହିଛି । ସେହିପରି ମଧୁପୁର ଜଙ୍କସନ୍‌ରୁ ମଧୁବନ ଓ ମଧୁପୁର ମେଢ଼ ୪.୪୦ରେ ଛାଡ଼ିବେ । ଫୁଲପୋଖରୀ ଜଙ୍କସନ୍‌ରୁ ବଛିପୁରର ୩ଟି ମେଢ଼ ଓ ଫୁଲପୋଖରୀ ଗ୍ରାମର ସମସ୍ତ ମେଢ଼ ମୁଖ୍ୟରାସ୍ତାରୁ ୫.୩୫ରେ ଛାଡ଼ିବେ । କଣ୍ଟାପାଟଣା ଜଙ୍କସନ୍‌ରୁ କଣ୍ଟାପାଟଣା, ଶ୍ରୀବନ୍ତପୁର, ପଞ୍ଚୁପାଳ, ଆଦିବାସି ସାହି, ବଙ୍ଗାଳି ସାହି ଆଦି ମେଢ଼ ଭସାଣି ସ୍ଥଳରେ ପହଞ୍ଚିବାକୁ ମଧ୍ୟ ସମୟ ଧାର୍ଯ୍ୟ ହୋଇଛି । ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ପ୍ରତ୍ୟେକ ମେଢ଼ ୨୦ ମିନିଟ୍ ବ୍ୟବଧାନରେ ରହିବେ ବୋଲି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି ।

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୨୪ ନଭେମ୍ବର, ରବିବାର, ୨୦୨୪


# ଜୈସୱାଲଙ୍କ ବିଶ୍ୱ ରେକର୍ଡ ପଛରେ ପଡ଼ିଲେ ମ୍ୟାକକୁଲମ



ପର୍ଥ

ପର୍ଥ ଟେଷ୍ଟରେ ଭାରତର ଦ୍ୱିତୀୟ ପାଳିରେ ଦମଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତର ଯୁବ ଓପନର ଯଶସ୍ୱୀ ଜୈସୱାଲ ପ୍ରଥମ ପାଳିରେ ଖାତା ଖୋଲି ପାରିନଥିବା ଜୈସୱାଲ ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ସେ ୧୯୩ ବଲରୁ ୭ ଚୌକା ଓ ଦୁଇଟି ଛକା ସହିତ ୯୦ ରନର ଅପରାଜିତ ପାଳି ଖେଳି କ୍ରିଜରେ ମହଜୁଦ ରହିଛନ୍ତି। ତେବେ ଏହି ପାଳିରେ ସେ ଏକ ବିଶ୍ୱ ରେକର୍ଡ ମଧ୍ୟ ନିଜ ନାଁରେ କରିବାରେ ସକ୍ଷମ ହୋଇଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ପାଳିରେ ଜୈସୱାଲ ଖାତା ମଧ୍ୟ ଖୋଲିବାକୁ ସକ୍ଷମ ହୋଇନଥିଲେ। ହେଲେ ଦ୍ୱିତୀୟ ପାଳିରେ ତାଙ୍କର ଚମତ୍କାର କମବ୍ୟାକ ସମସ୍ତଙ୍କୁ ପ୍ରଭାବିତ କରିଛି । ଏହି ପାଳିରେ ସେ ଦୁଇଟି ଲମ୍ବା ଛକା ମାରି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ବ୍ୟାଟର ହୋଇପାରିଛନ୍ତି । ଏହି ରେକର୍ଡ ହାସଲ କରିବା ପାଇଁ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ କ୍ରିକେଟର ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ପଛରେ ପକାଇଛନ୍ତି। ଜୈସୱାଲ ମ୍ୟାକକୁଲମ ୨୦୧୪ରେ ୯ଟି ଟେଷ୍ଟ ମ୍ୟାଚ ଖେଳି ୩୩ଟି ଛକା ସହ ଏହି ରେକର୍ଡ ନିଜ ନାଁରେ ରଖିଥିଲେ। ହେଲେ ୨୦୨୪ରେ ନିଜର ୧୨ଶ ମ୍ୟାଚ ଖେଳୁଥିବା ଜୈସୱାଲ ଦୁଇଟି ଛକା ସହ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏପର୍ଯ୍ୟନ୍ତ ୩୪ଟି ଛକା ମାରି ସାରିଛନ୍ତି।

ଯଶସ୍ୱୀ ଜୈସୱାଲ (ଭାରତ)– ୩୪ ଛକା (୨୦୨୪)

ବ୍ରେଣ୍ଡନ ମ୍ୟାକକୁଲମ (ନ୍ୟୁଜିଲ୍ୟାଣ୍ଡ) – ୩୩ (୨୦୧୪)

ବେନ ଷ୍ଟୋକ୍ସ (ଇଂଲଣ୍ଡ) – ୨୬ (୨୦୨୨)

ଏଡମ ଗିଲକ୍ରିଷ୍ଟ (ଅଷ୍ଟ୍ରେଲିଆ) – ୨୨ (୨୦୦୫)

ବୀରେନ୍ଦ୍ର ସେହ୍ୱାଗ (ଭାରତ) – ୨୨ (୨୦୦୮)

ଏଣ୍ଡ୍ରୁ ଫ୍ଲିଣ୍ଟଫ (ଇଂଲଣ୍ଡ) – ୨୧ (୨୦୦୪)

# ପ୍ରଥମ ଟେଷ୍ଟ: ୨୧୮ ରନ୍‌ରେ ଆଗୁଆ ରହି ଦୃଢ଼ ସ୍ଥିତିରେ ଭାରତ




ପର୍ଥ

ପର୍ଥରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଭାରତ। ଯଶପ୍ରୀତ୍ ବୁମ୍‌ରାଙ୍କ ୫ ଓ୍ୱିକେଟ ସଫଳତା, ଅଷ୍ଟ୍ରେଲିଆ ମାଟିରେ ଜୟସ୍ୱାଲଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ଭାରତ ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ୨୧୮ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ମାତ୍ର ୧୦୪ ରନ୍‌ରେ ସୀମିତ ରଖିବା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ବିନା କ୍ଷତିରେ ୧୭୨ ରନ୍ ସଂଗ୍ରହ କରିଛି । ଫଳରେ ହାତରେ ୧୦ ଓ୍ୱିକେଟ ରହିଥିବା ବେଳେ ଭାରତ ୨୧୮ ରନ୍‌ରେ ଆଗୁଆ ରହିଛି । ପ୍ରଥମ ଦିନରେ ଭାରତ ୧୫୦ ରନ୍‌ରେ ସମସ୍ତ ଓ୍ୱିକେଟ ହରାଇଥିବା ବେଳେ ଘରୋଇ ଦଳ ୬୭ ଓ୍ୱିକେଟ ହରାଇ ସଙ୍କଟରେ ପଡିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୬୭/୭ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ମାତ୍ର ୩୭ ରନ୍ ଯୋଡି ପାରିଥିଲା। ପୂର୍ବ ଦିନର ଅପରାଜିତ ବ୍ୟାଟର ଆଲେକ୍ସ କେରୀ ଦଳୀୟ ସ୍କୋରରେ ୩ ରନ୍ ଯୋଡି ପ୍ୟାଭିଲିୟନ ଫେରିଥିଲେ। କେରୀଙ୍କୁ ଆଉଟ କରିବା ସହ ବୁମ୍‌ରା ନିଜର ୫ ଓ୍ୱିକେଟ ସଫଳତା ପୂରଣ କରିଥିଲେ। ତେବେ ନିମ୍ନକ୍ରମରେ ମିଚେଲ୍ ଷ୍ଟାର୍କ ଲଢୁଆ ୨୬ ରନ୍ କରିବାରୁ ଅଷ୍ଟ୍ରେଲିଆ ୧୦୪ ରନ୍‌ରେ ଅଲଆଉଟ ହୋଇଥିଲା। ଅଷ୍ଟ୍ରେଲୀୟ ଇନିଂସର ଟପ୍ ସ୍କୋରର ରହିଥିବା ଷ୍ଟାର୍କ ୧୧୨ ବଲ୍ ଖେଳି ୨ ଚୌକା ସହ ୨୬ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୧, ଟ୍ରାଭିସ୍ ହେଡ୍ ୧୧ ଓ ନାଥାନ ମ୍ୟାକ୍‌ସୁଇନି ୧୦ ୨ ଅଙ୍କ ସ୍କୋର ଛୁଇଁ ପାରିଥିଲେ। ୭ ଜଣ ବ୍ୟାଟର ୨ ଅଙ୍କ ଛୁଇଁ ପାରି ନ ଥିବା ବେଳେ ଭାରତୀୟ ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ୧୧ତମ ଥର ପାଇଁ ଟେଷ୍ଟ କ୍ରିକେଟରେ ୫ ଓ୍ୱିକେଟ ସଫଳତା ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେବ୍ୟୁଟାଣ୍ଟ ହର୍ଷିତ ରାଣା ୩ ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ।

୪୬ ରନ୍‌ରେ ଆଗୁଆ ରହିଥିବା ଭାରତର ଦ୍ୱିତୀୟ ଇନିଂସ ବେଶ ପ୍ରଭାବୀ ରହିଥିଲା । ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ଦୁଇଟି ସେସନ ମିଳିତ ଭାବରେ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ନିଜର ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ଭାରତ ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ବିନା କ୍ଷତିରେ ୧୭୨ ରନ୍ କରିଛି । ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଇନିଂସ ବିଫଳତାକୁ ପଛରେ ପକାଇ ଅର୍ଦ୍ଧଶତକ ହାସଲ କରିଥିଲେ।

# ଓସିଏ ଦ୍ୱାରା ଖୋର୍ଦ୍ଧା ରୋଡ ରେଲୱେ ଷ୍ଟାଡିୟମରେ ମହିଳାମାନଙ୍କ ପାଇଁ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ




ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା କ୍ରିକେଟ ଆସୋସିଏସନ ଦ୍ୱାରା, ଇଷ୍ଟକୋଷ୍ଟ ରେଳ କ୍ରୀଡା ଷ୍ଟାଡିୟମ, ଖୋର୍ଦ୍ଧା ରୋଡ ଠାରେ ମହିଳା ମାନଙ୍କ ପାଇଁ ରାଜ୍ୟସ୍ତରୀୟ ଆମନ୍ତ୍ରଣୀୟ ଅଭ୍ୟାସ କ୍ରିକେଟ ମ୍ୟାଚ ଆୟୋଜିତ କରାଯାଇଅଛି । ଏହି ଅଭ୍ୟାସ କ୍ରିକେଟ ମ୍ୟାଚ୍, ୨୨.୧୧.୨୦୨୪ ରୁ ୨୬.୧୧.୨୦୨୪ ପର୍ଯ୍ୟନ୍ତ ଓଡିଶା ବରିଷ୍ଠ ମହିଳା ବନାମ ଛତିଶଗଡ ବରିଷ୍ଠ ମହିଳା ମଧ୍ୟରେ ଅନୁଷ୍ଠିତ ହେଉଛି । ଓଡିଶା ବରିଷ୍ଠ ମହିଳା ଦଳ ପ୍ରଥମ ଅଭ୍ୟାସ ମ୍ୟାଚ ଜିତିଥିଲେ। ଖୋର୍ଦ୍ଧା ରୋଡରେ ଥିବା ରେଲୱେ ଷ୍ଟାଡିୟମରେ ହାଇମାଷ୍ଟ ସ୍ଥାପନ କରି, ସ୍ଥାୟୀ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ କି ୧୦୦୦ର ୫୪ ଟି ଏଲଇଡି ଲାଇଟ ଲଗାଯାଇଛି । ଏହି ଷ୍ଟାଡିୟମରେ ସ୍ଥାୟୀ ଟର୍ଫ କ୍ରିକେଟ ପିଚ ଏବଂ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କ ପାଇଁ ଜିମ ସୁବିଧା ରହିଛି । ନିକଟରେ, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଳ ଷ୍ଟାଡିୟମ ଠାରେ ରେଲୱେ ଇଣ୍ଟିଗ୍ରେଟେଡ ସ୍ପୋର୍ଟସ ଏକାଡେମୀର ଉଦ୍‌ଘାଟନ କରଯାଇଥିଲା, ଯାହା ଜଟଣୀ ଅଞ୍ଚଳର କ୍ରୀଡାପ୍ରେମୀଙ୍କ ପାଇଁ ଏକ କୋଚିଂ ସେଣ୍ଟର ଭାବରେ କାର୍ଯ୍ୟ କରୁଛି। ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ ଏସ ବାଜୱା ଏବଂ କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତରେ, ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା ଆଗାମୀ ଦିନରେ ରେଳ ଷ୍ଟାଡିୟମରେ, ଜାତୀୟ ତଥା ରାଜ୍ୟ ସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ କରିବା ପାଇଁ, ଅନେକ ଆଧୁନିକ ସୁବିଧା ସ୍ଥାପନ କରିବାକୁ ଯୋଜନା କରାଯାଉଛି ।

# ପାଣ୍ଡ୍ୟାଙ୍କ ଉପରେ ଲାଗିଲା ବ୍ୟାନ୍ : ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ୍ ଖେଳିବନି




ନୂଆଦିଲ୍ଲୀ

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଗିଲା ଝଟ୍‌କା। ବ୍ୟାନ କାରଣରୁ ଆଇପିଏଲ୍ ପ୍ରଥମ ମ୍ୟାଚ୍ ଖେଳିବେନି ଟିମ୍ ଇଣ୍ଡିଆର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ତେବେ ଆସନ୍ତା ସିଜନର ସେ ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପଟେନ୍। କାରଣ ହାର୍ଦ୍ଦିକଙ୍କ ଉପରେ ଆଇପିଏଲ୍ ୨୦୨୫ ଆରମ୍ଭରେ ମ୍ୟାଚ୍‌ରେ ବ୍ୟାନ୍ ରହିବ। ତେବେ ତାଙ୍କ ସ୍ଥାନରେ କ୍ୟାପଟେନ୍ସି କରିବେ ସୂର୍ଯ୍ୟକୁମାର ଯାଦବ।

ଏବେ ପାଣ୍ଡ୍ୟାଙ୍କ ଉପରେ ଆଇପିଏଲ୍ ୨୦୨୫ ପ୍ରାରମ୍ଭ ମ୍ୟାଚ୍ ଗୁଡିକ ଉପରେ ଆଡଭାନ୍ସ ବ୍ୟାନ୍ ଲଗାଇଥିଲା ବିସିସିଆଇ। କାରଣ ୨୦୨୪ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସରେ କ୍ୟାପଟେନ୍ କରିବାବେଳେ ଶେଷ ମ୍ୟାଚ୍‌ରେ ତୃତୀୟଥର ସ୍ଲୋ ଓଭର ରେଟିଂର ଶିକାର ହୋଇଥିଲେ। ପ୍ରଥମ ଥର ସ୍ଲୋ ଓଭର ବୋଲିଂ ପାଇଁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷର ଫାଇନ୍ ଲାଗିଥିଲା। ଦ୍ୱିତୀୟ ଥର କ୍ୟାପଟେନ ଭାବେ ୨୪ ଲକ୍ଷ ଦଣ୍ଡ ଗଣିଥିଲେ ସେ। ଏହାସହ ଅନ୍ୟ ଖେଳାଳି ବି ଫାଇନ ଦେଇଥିଲେ। ପରେ ତୃତୀୟ ଥର ୩୦ ଲକ୍ଷର ଫାଇନ୍ ଦେଇଥିଲେ ପାଣ୍ଡ୍ୟା। ତେବେ ୩ ତିନ ଥର ବ୍ୟାନ ଲାଗିବା ପରେ ବି ସେହି ସ୍ଲୋ ଓଭର ବୋଲିଂ କରିଥିଲେ ଟିମ୍ ମୁମ୍ବାଇ। ଫଳରେ ବିସିସିଆଇ ଫାଇନ ଲଗାଇବା ସହ ବ୍ୟାନ ବି ଲଗାଇଥିଲା। କାରଣ ଗୋଟିଏ ସିଜିନରେ ତୃତୀୟ ଥର ଏପରି ଘଟଣା ଘଟିବା ପରେ କଠୋର ହୋଇଥିଲା ବିସିସିଆଇ।

# ମାର୍ଚ୍ଚ ୧୪ରୁ ଆଇପିଏଲ : ୩ ସଂସ୍କରଣ ପାଇଁ ଘୋଷଣା ହେଲା ତାରିଖ




ନୂଆଦିଲ୍ଲୀ

ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ଆଇପିଏଲର ପରବର୍ତ୍ତୀ ୩ଟି ସଂସ୍କରଣର ତାରିଖ ଗୋଟିଏ ଥରରେ ଘୋଷଣା କରାଯାଇଛି। ଆସନ୍ତା ବର୍ଷ ଅର୍ଥାତ ୨୦୨୫ ଆଇପିଏଲ ମାର୍ଚ୍ଚ ୧୪ରୁ ଆରମ୍ଭ ହେବ। ସେହିପରି ମେ’ ୨୫ରେ ଫାଇନାଲ ଅନୁଷ୍ଠିତ ହେବ। ୨୦୨୬ର ଆଇପିଏଲ ସଂସ୍କରଣ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭ ହେବାକୁ ଥିବା ବେଳେ ମେ’ ୩୧ ମଧ୍ୟରେ ଶେଷ ହେବ। ୨୦୨୭ ଆଇପିଏଲ ମାର୍ଚ୍ଚ ୧୪ରେ ଆରମ୍ଭ ହେଉଥିବା ବେଳେ ମେ’ ୩୦ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ୩ଟି ଯାକ ସଂସ୍କରଣ ପାଇଁ ଏପରି ତାରିଖ ଅବଧିର ବ୍ୟବସ୍ଥା କରାଯାଇଛି। ଏହି ଅବଧି ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ସରିବ। ଏନେଇ ଆଇପିଏଲ ଗଭର୍ଣ୍ଣିଂ ବଡି ତରଫରୁ ସବୁ ଫ୍ରାଞ୍ଚାଇଜଗୁଡ଼ିକୁ ଇ-ମେଲ ଯୋଗେ ଅବଗତ କରାଯାଇଛି। ପ୍ରାରମ୍ଭିକ ଭାବେ ଆଇପିଏଲର ୩ଟି ଯାକ ସଂସ୍କରଣ ପାଇଁ ତାରିଖ ପ୍ରସ୍ତୁତ କରାଯାଇଛି। ଅତି ଜରୁରୀ ପରିସ୍ଥିତିରେ ଏହା ପରିବର୍ତ୍ତନ ମଧ୍ୟ ହୋଇପାରିବ। ଆସନ୍ତା ୨୪ ଓ ୨୫ ଦୁଇ ଦିନ ଧରି ସାଉଦି ଆରବରେ ଆଇପିଏଲ ୨୦୨୫ ସଂସ୍କରଣ ପାଇଁ ମେଗା ଅକ୍ସନ ଅନୁଷ୍ଠିତ ହେବ।

ଏହାପୂର୍ବରୁ ଆଇପିଏଲର ତାରିଖ ଘୋଷଣା ହୋଇଛି। ଏହାଦ୍ୱାରା ବିଭିନ୍ନ ଖେଳାଳିଙ୍କ ଉପଲବ୍ଧିକୁ ନେଇ ମଧ୍ୟ ଫ୍ରାଞ୍ଚାଇଜଗୁଡ଼ିକ ଆଗୁଆ ସୂଚନା ପାଇପାରିବେ। ସେହି ଅନୁସାରେ ସେମାନେ ଖେଳାଳି କିଣି ନିଜ ଟିମ୍‌କୁ ତିଆରି କରିପାରିବେ। ଅନ୍ୟପକ୍ଷରେ ଆଇପିଏଲ ନିଲାମରେ ସାମିଲ ହେବା ପାଇଁ ବିଳମ୍ବରେ ଆବେଦନ କରିଥିବା ଜୋଫ୍ରା ଆର୍ଚର, ଆମେରିକାର ଦ୍ରୁତ ବୋଲର ସୌରଭ ନେତ୍ରାଭଲକର ଓ ଅନକ୍ୟାପଡ ମୁମ୍ବାଇ ଓ୍ୱିକେଟ କିପର ହାର୍ଦ୍ଦିକ ତୋମାରଙ୍କ ଉପରେ ବିସିସିଆଇ ବଡ଼ ନିଷ୍ପତ୍ତି ନେଇଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ସାରିଥିଲେ ହେଁ ଏହି ୩ କ୍ରିକେଟର ନିଲାମରେ ସାମିଲ ହୋଇପାରିବେ ବୋଲି ବିସିସିଆଇ କହିଛି।

# ବଣିଆପାଟ ଶିଶୁ ମନ୍ଦିରର ୨୯ ତମ ବାର୍ଷିକକ୍ରୀଡା ଉତ୍ସବ

କେନ୍ଦୁଝର : ନ୍ୟୁଜ୍ ବ୍ୟୁରୋ

ଯୁଗାବ୍ଦ ମାର୍ଗଶିର କୃଷ୍ଣପକ୍ଷ ଷଷ୍ଠୀ ଓ ସପ୍ତମୀ ତିଥିରେ କଲେଜରୋଡ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରର ୨୯ ତମ ବାର୍ଷିକ କ୍ରୀଡା ଧରଣୀଧର ବିଶ୍ୱବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । କ୍ରୀଡାର ସମାରୋହରେ ମୁଖ୍ୟ ଅତିଥି ଭାବେ ଭାରତୀୟ ସୈନ୍ୟ ବିଭାଗର ଅବସର ପ୍ରାପ୍ତ ମେଜର କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସଂପାଦକ ଭାଗୀରଥି ଗିରି, ଉପସଭାପତି ହୃଦାନନ୍ଦ ପ୍ରଧାନ, ସଦସ୍ୟା ମନ୍ଦାକିନୀ ବେହେରା, ପଦ୍ମାବତୀ ଅମାନ୍ତ ଉପସ୍ଥିତ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି କ୍ରୀଡାରେ ଶିଶୁ ବାଟିକା ବିଭାଗରେ ମୋଟ ୪୮ ଜଣ, କନିଷ୍ଠ ବିଭାଗରେ ୧୫୦ ଜଣ, ଶିଶୁ ବିଭାଗରେ ୯୦ ଜଣ , ବାଲବର୍ଗରେ ୧୪୦ ଜଣ , କିଶୋର ବର୍ଗରେ ୭୮ ଜଣ ଏବଂ ଦଶମ ଶ୍ରେଣୀରେ ସ୍ୱତନ୍ତ୍ର ବିଭାଗରେ ୩୩ ଜଣ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତି ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ସଂକୁଳ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗନେବେ । ଏହି ବାର୍ଷିକ କ୍ରୀଡାରେ ଓମ ନାରାୟଣ ମହାନ୍ତ ( ଦଶମ ), ନିତିଶ କୁମାର ନାଏକ ( ସପ୍ତମ ) , ଓମ ପ୍ରକାଶ ନାଏକ( ସପ୍ତମ ), ଆୟୁଷ ମହାନ୍ତ( ତୃତୀୟ )ଶ୍ରେଣୀର ଭାଇ ମାନେ ଚମ୍ପିୟାନ ହୋଇଛନ୍ତି । ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭାଇ ଓ ଭଉଣୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଏହି କ୍ରୀଡାକୁ ବିଦ୍ୟାଳୟର ସମସ୍ତ ସେବାବ୍ରତୀ ମାନେ ପରିଚାଳନା କରିଥିଲେ ।

# ଭାବପ୍ରବଣ ହେଲେ ସଞ୍ଜନା




ପର୍ଥ

ପର୍ଥରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ଖେଳାଯାଉଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରି ଭାରତୀୟ ଦଳ ୧୫୦ ରନରେ ଅଲଆଉଟ ହେବା ପରେ ଅଷ୍ଟ୍ରେଲିଆ ଦଳ ଏହାର ପ୍ରଥମ ଇନିଂସରେ ୧୦୪ ରନ୍‌ରେ ଅଲଆଉଟ୍ ହୋଇଛି। ଫଳରେ ଭାରତ ପ୍ରଥମ ଦିନରେ ୪୬ ରନ୍‌ରେ ଆଗୁଆ ରହିଛି । ମ୍ୟାଚ୍‌ର ପ୍ରଥମ ଦିନରେ ବୁମରା ତାଙ୍କ ଅଧିନାୟକତ୍ୱ ଏବଂ ବୋଲିଂ ସହିତ ସମସ୍ତଙ୍କୁ ଦିଓ୍ୱାନା କରିଦେଇଥିଲେ। ବୁମ୍‌ରାଙ୍କ ଏହି ପ୍ରଦର୍ଶନ ଦେଖି ତାଙ୍କ ସ୍ତ୍ରୀ ସଞ୍ଜନା ଗଣେଶନ ଖୁସି ବ୍ୟକ୍ତ କରିଛନ୍ତି।

ସଞ୍ଜନା ଇନଷ୍ଟାଗ୍ରାମରେ ଷ୍ଟାଟସ ପୋଷ୍ଟ କରି ବୁମ୍‌ରାଙ୍କୁ ପ୍ରଶଂସା କରିଥିଲେ, କିନ୍ତୁ ପ୍ରଶଂସା କରିବା ସମୟରେ ସେ ଭାବପ୍ରବଣ ହୋଇଯାଇଥିଲେ । ସେ ତାଙ୍କ ଷ୍ଟାଟସ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ସଞ୍ଜନା ବୁମରାଙ୍କ ଫଟୋ ଶେୟାର କରି ତାଙ୍କୁ ଜଣେ ମହାନ ବୋଲର ବୋଲି କହିଥିଲେ।

# ଉତ୍କଳ କଳା ଓ ସାଂସ୍କୃତିକ ଅଙ୍ଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଜୟପୁର, ନ୍ୟୁଜ୍‌ବ୍ୟୁରୋ

କୋରାପୁଟ ଜିଲ୍ଲା ଲୋକ ସପ୍ତସଦର ଉତ୍କଳ କଳା ଓ ସାଂସ୍କୃତିକ ଅଙ୍ଗ ପକ୍ଷରୁ ୩ଟି ବ୍ଲକରେ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ତପସ୍ୱିନୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରତିଯୋଗୀତାରେ ସ୍ୱାମୀ ବିବେକନନ୍ଦ ଲୋକ ସପ୍ତସଦର ସଭାପତି ଅମୁଲ୍ୟ ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ। ସେହିପରି କୁନ୍ଦ୍ରା ବ୍ଲକ ଠାରେ ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗକ୍ରମେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିପରି ବିଜ୍ଞାନ ଇଣ୍ଟର ନ୍ୟାସନାଲ ବିଦ୍ୟାଳୟଠାରେ ପ୍ରଥମରୁ ୫ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୦ ଜଣ ଏବଂ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ମୋଟ ୧୦୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସପ୍ତସଦର ସମସ୍ତ ସଦସ୍ୟ ସହଯୋଗ କରିବା ସହ ବିଦ୍ୟାଳୟର ସକ୍ରିୟ ସଦସ୍ୟ ଭାବରେ ମନୋରଞ୍ଜନ ପ୍ରଧାନ ଏବଂ ଡ. ପ୍ରଦୀପ ମିଶ୍ରଙ୍କ ସହଯୋଗ କ୍ରମେ ୩ଟି ବ୍ଲକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାମୀଜିଙ୍କ ଜନ୍ମ ତିଥି ଆସନ୍ତା ଜାନୁଆରୀ ୧୨ ତାରିଖରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ସର୍ବେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



ବାଲିଗୁଡା : ନ୍ୟୁଜ୍ ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୬ ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ସ୍ଥାନୀୟ ବିଜୁପଟ୍ଟନାୟକ ମିନି ଷ୍ଟାଡିୟମ ଠାରେ ଦୁଇ ଦିନ ଧରି ଚାଲିବା ପରେ ଉଦଯାପିତ ହୋଇଯାଇଛି । ପ୍ରଥମ ଦିବସର ଉଦଘାଟନୀ ସମାରୋହରେ ବାଲିଗୁଡ଼ା ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କ୍ରୀଡ଼ାର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ାର ମହତ୍ୱ ବିଷୟରେ ଆଲୋକପାତ କରାଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଧାଂଶୁ ମୋହନ ପତି, ସମ୍ପାଦକ ତୀର୍ଥବାସୀ ଘଡାଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶିଶିର କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଚାର୍ଯ୍ୟା ମମତା ମହାରଣା କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ , ଆଚାର୍ଯ୍ୟା ଓ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ । ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଦ୍ୱିତୀୟ ଦିନ ଅପରାହ୍ନରେ ଉଦଯାପିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଉପଖଣ୍ଡର ଡେପୁଟି କଲେକ୍ଟର ଧିରଜ କୁମାର ପାତ୍ର ଯୋଗଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାଂଶୁ ମୋହନ ପତି, ସମ୍ପାଦକ ତୀର୍ଥବାସୀ ଘଡ଼ାଇ, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ଉପସଭାପତି ଦଣ୍ଡପାଣି ଭୂୟାଁ, କୋଷାଧକ୍ଷ ସୁବାଷ ଚନ୍ଦ୍ର ଦିଗାଳ ଓ ସଦସ୍ୟା ସୋନିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୨୦ ଟି ପ୍ରତିଯୋଗିତାରେ ୫୦୦ ଶିଶୁ ଭାଗନେଇଥିଲେ ସେଥିରେ କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ କ୍ରୀଡ଼ା ମହୋତ୍ସବର ମଶାଲ ଜ୍ୟୋତି ନିର୍ବାପିତ କରାଯାଇ ରାଷ୍ଟ୍ରଗୀତ ବନ୍ଦେ ମାତରଂ ଗାନ କରି ମହୋତ୍ସବ ସମାପ୍ତ କରାଯାଇଥିଲା ।

# ବୌଦ୍ଧ: ଆନ୍ତଃକ୍ଲବ ସିନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟ-ମହାନଦୀ ସ୍ପୋର୍ଟିଂ ଚାମ୍ପିଅନ

ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ

ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧଜିଲ୍ଲା ଷ୍ଟାଡିୟମ ପଡିଆରେ ଗତ ୨ତାରିଖରୁ ଚାଲିଥିବା ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧକୁ ହରାଇ ମହାନଦୀ ସ୍ପୋର୍ଟିଂ ଚାମ୍ପିଆନ ହୋଇଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଶାସକଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଶ୍ରୀ ପ୍ରଧାନ ବୌଦ୍ଧ ଷ୍ଟାଡିୟମର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ଓ ବୌଦ୍ଧଜିଲ୍ଲାରେ କ୍ରୀଡାର ଭିତ୍ତିଭୂମି ସୁଦୃଢ କରାଯିବା ବୋଲି ମତବ୍ୟକ୍ତ କରିବା ସହିତ ଜିଲ୍ଲାରେ ବିଭିନ୍ନ କ୍ରୀଡ଼ାର ଏକ ବିରାଟ ସମ୍ଭାବନା ରହିଥିଲେ ମଧ୍ୟ ଉପଯୁକ୍ତ ଖେଳପଡିଆର ଅଭାବରୁ କୃତି ଖେଳାଳିଙ୍କ ଭବିଷ୍ୟତ ଗଠନରେ ବାଧକ ହୋଇରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ନୂତନ ସରକାର ଏସବୁ ସମସ୍ୟାର ସମାଧାନ କରି ଖେଳ ଖେଳାଳିଙ୍କ ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ।

# ସମବାୟ ଜନତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୁଏ



ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ବରିଷ୍ଠ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଯାଜପୁରଙ୍କ କାର୍ଯ୍ୟାଳୟ ପରିସରରେ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଛି। ସମବାୟ ସପ୍ତାହର ଶେଷ ତଥା ଉଦ୍‌ଯାପନ ଦିବସରେ ଜିଲ୍ଲାସ୍ତରୀୟ ମହୋତ୍ସବ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସେବା ନିବୃତ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅଶୋକ କୁମାର ବେହେରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସାହୁ, କେଶବ ଚନ୍ଦ୍ର ସେଠୀ, ଦୁଃଶାସନ ସାହୁ, ବିଜୟ କୁମାର ଦଳାଇ ଯୋଗଦେବା ସହିତ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସଂପାଦକ ଓ ସଭାପତିମାନେ ଯୋଗଦେଇ ସମବାୟ କିପରି ସମସ୍ତଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହଯୋଗ କରେ ସେ ବିଷୟରେ ବକ୍ତାମାନେ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ‘ସମବାୟ ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ଗଠନ କରେ’ ଉପରେ ଏକ ବ୍ରେନ୍ ଷ୍ଟର୍ମିଂ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବହୁ ବୁଦ୍ଧିଜୀବୀ, ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ସମବାୟବିତ୍ ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥଲେ। ବରିଷ୍ଠ ସହକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସମବାୟ ସପ୍ତାହ ପାଳନ ଅବସରରେ ସ୍କୁଲ୍, କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାର ସାର୍ଟିଫିକେଟ ଓ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ସର୍ବଶ୍ରେଷ୍ଠ ସମବାୟ ସମିତି ଭାବରେ ଗୋପାଳପୁର ପ୍ରାଥମିକ କୃଷି ସମବାୟ ସମିତି ପୁରସ୍କୃତ ହୋଇଥିବାବେଳେ ପ୍ରଥମାଖଣ୍ଡି ପ୍ରାଥମିକ କୃଷି ସମବାୟ ସମିତି ୨ୟ ଓ ଦେଓବା ପ୍ରାଥମିକ କୃଷି ସମବାୟ ସମିତି ଜିଲ୍ଲା ସ୍ତରରେ ୩ୟ ଭାବେ ପୁରସ୍କୃତ ହୋଇଥିଲେ। ଉପ ସହକାରୀ ନିବନ୍ଧକ, ସମବାୟ ସମିତି ଦେବେନ୍ଦ୍ର ନାୟକ, ନିବେଦିତା ସାମଲ, ମନମୋହନ ରାଉତ୍, ରଜତ କୁମାର ପାଣି ଓ ସମବାୟ ନିରୀକ୍ଷକ ଅଲେଖ ପ୍ରସାଦ ସାହୁ, ରାଜୀବ ଲୋଚନ ପଣ୍ଡା, କୁମାରୀ ସୁବର୍ନିତା ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଅପରାହ୍ନରେ ବରିଷ୍ଠ ସହକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀ ସମବାୟ ପତାକା ଅବତରଣ କରି ସମବାୟ ସପ୍ତାହ ଉତ୍ସବକୁ ଉଦ୍‌ଯାପିତ କରିଥିଲେ।



## ନୂଆଦିଲ୍ଲୀରେ ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକ

# ସବୁଜ ବିଦ୍ୟୁତ ଉତ୍ପାଦନ ଲାଗି ଓଡ଼ିଶା ପ୍ରତିଶ୍ରୁତିବଦ୍ଧ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆଦିଲ୍ଲୀରେ ହୋଇଥିବା ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିଥିଲେ । ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ ଓ ଇଡାମ ଇନଫ୍ରାଷ୍ଟ୍ରକ୍ଚରର ମିଳିତ ଆନୁକୂଲ୍ୟରେ କନଫରେନ୍ସର ଆୟୋଜନ ହୋଇଥିଲା । ଏହି ସମ୍ମିଳନୀରେ ଓଡ଼ିଶାର ବିଭାଗୀୟ ଅଧିକାରୀ, ପ୍ରତିନିଧି, ଶିଳ୍ପ ଏବଂ ନିବେଶକମାନେ ଏକାଠି ଯୋଗଦେଇଥିଲେ । ୨୩ ଟି କମ୍ପାନୀର ୩୪ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୌର ବିଦ୍ୟୁତ, ପବନ ଶକ୍ତି, ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ଏବଂ ବର୍ଜ୍ୟ ବସ୍ତୁରୁ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଗୁଡ଼ିକ ପ୍ରମୁଖ ଥିଲେ । ଓଡ଼ିଶାରେ ଥିବା ଅକ୍ଷୟ ଶକ୍ତିର ସୁଯୋଗ ତଥା ସମ୍ଭାବନାର ଅର୍ଥପୂର୍ଣ୍ଣ ବ୍ୟବହାର କରି ଘରୋଇ କମ୍ପାନୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ ଏବଂ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ମିଳନୀର ଲକ୍ଷ୍ୟ ରହିଛି । ଓଡ଼ିଶା ଆଜିର ସମୟରେ ସ୍ୱଚ୍ଛ ଶକ୍ତିର ବ୍ୟବହାର, ଉତ୍ପାଦନ ଏବଂ ବିକାଶକୁ ପ୍ରୋତ୍ସାହିତ କରୁଛି । ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ନୀତି, ୨୦୨୨ ମଧ୍ୟ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ, ଭାସମାନ ସୌରଶକ୍ତି, ପମ୍ପଡ ଷ୍ଟୋରେଜ ପାୱାର (ପିଏସପି), ପବନ ଶକ୍ତି ଭଳି ନୂତନ କ୍ଷେତ୍ର



ଉପରେ ଧ୍ୟାନ କେନ୍ଦ୍ରିତ କରିଛି । ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଡିକାର୍ବୋନାଇଜେସନ୍ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ ନିମନ୍ତେ ଓଡ଼ିଶା ୧୪୦ଗିଗାୱାଟର ସୌର ଏବଂ ଗ୍ରୀନ ହାଇଡ୍ରୋଜେନରୁ ପ୍ରସ୍ତୁତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ । ଆହୁରି ମଧ୍ୟ କହିଥିଲେ ଯେ, ରାଜ୍ୟର ଅକ୍ଷୟ ଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ଼, ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କରାଯାଇପାରିବ । ସୋସାଇଟି ଫର ଲିଗାଲ ଆଣ୍ଡ ପଲିସି ରିସର୍ଚ୍ଚ, ଇଡାମ ଇନଫ୍ରାଷ୍ଟ୍ରକଚର ଓ ବରିଷ୍ଠ ଓକିଲ ସଞ୍ଜୟ ସେନ୍ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବଜାର ବ୍ୟବସ୍ଥା ଓ ପୁଞ୍ଜିନିବେଶ ନିଷ୍ପତ୍ତି ଏବଂ ନିବେଶକଙ୍କ ସ୍ୱାର୍ଥ ରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରି ରାଜ୍ୟ ଏକ ଦୀର୍ଘମିଆଦୀ ଯୋଜନା, ଯାହା ବିଦ୍ୟୁତ ଉପଭୋକ୍ତାଙ୍କୁ ମଧ୍ୟ ସୁହାଇବ, ସେହିଭଳି ଯୋଜନା କରିବା ଉଚିତ ବୋଲି ଦର୍ଶାଇଥିଲେ । ଓଡ଼ିଶାରେ ଉତ୍ପାଦିତ ହେବାକୁ ଥିବା ଅକ୍ଷୟ ଶକ୍ତି ଭାରତର ସବୁଜ ବିଦ୍ୟୁତ ଲକ୍ଷ୍ୟ ପୂରଣରେ ମଧ୍ୟ ସହାୟକ ହେବ । ଇଡାମର ମ୍ୟାନେଜିଂ ଡ଼ାଇରେକ୍ଟର ବଳୱନ୍ତ ଜୋଶୀ ଓଡ଼ିଶାର ନିୟାମକ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ । ଶକ୍ତି କମ୍ପାନୀ ରିନିଉ ର ଚେୟାରମ୍ୟାନ ସୁମନ୍ତ ସିହ୍ନା ଓଡ଼ିଶାର ତାପଜ ବିଦ୍ୟୁତ ଶକ୍ତିରୁ ସବୁଜ ତଥା ସ୍ୱଚ୍ଛ ବିଦ୍ୟୁତ ଶକ୍ତିକୁ ସ୍ଥାନାନ୍ତର ହେବା ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରୀନ ହାଇଡ୍ରୋଜେନ ପ୍ରକଳ୍ପ ବିଷୟରେ ସରକାରଙ୍କ ଅଗ୍ରଗତି ବିଷୟରେ ଦୃଷ୍ଟିପାତ କରିଥିଲେ । ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଯଥା O2, ଓସିଅର, ହେକ୍ସା କ୍ଲାଇମେଟ, ଆଦିତ୍ୟ ବିର୍ଲା ରିନେବୁଲ, ଜିନ୍ଦଲ ରିନେବୁଲ, ରି ସଷ୍ଟେନେବିଲିଟି, ଅଭଡ଼ା, ୱେଲସ୍ପନ, ଜେଏସଡବ୍ଲୁ, ପୂର୍ବ ଗ୍ରୀନ ପ୍ରଭୃତି କମ୍ପାନୀ ରାଜ୍ୟର ବିତରଣ ସୀମା ଏବଂ ଶୁଳ୍କ, ସହଜ ଜମି ଆବଣ୍ଟନ, ଏକକ ବ୍ୟାଙ୍କିଂ, ନିୟମାବଳୀରେ ସଂଶୋଧନ ଏବଂ ରାଜ୍ୟ ତରଫରୁ ସହାୟତା ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ ।

## ଆସିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆର- ଜିପିଏସ୍ ସର୍ଭେ ରିପୋର୍ଟ

# ଶୀଘ୍ର ଶ୍ରୀମନ୍ଦିର ମରାମତି, ରକ୍ଷଣାବେକ୍ଷଣା କାର୍ଯ୍ୟ କରାଯିବ



**ପୁରୀ, ନ୍ୟୁଜ ବ୍ୟୁରୋ**

ଆସିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆର- ଜିପିଏସ୍ ସର୍ଭେ ରିପୋର୍ଟ । ଶ୍ରୀମନ୍ଦିର ପ୍ରଶାସନର ଏହି ରିପୋର୍ଟ ହସ୍ତଗତ ହୋଇଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ । ଏଏସଆଇ ପକ୍ଷରୁ ଏହି କାର୍ଯ୍ୟ ପାଇଁ ହାଇଦ୍ରାବାଦ ସ୍ଥିତ ଏନଜିଆରଆଇ ସହାୟତା ନିଆଯାଇଥିଲା । ଶ୍ରୀମନ୍ଦିରର ସ୍ଥାୟିତ୍ୱ ଏବଂ ସୁରକ୍ଷା ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ଯତ୍ନବାନ ରହିଛି । ତେଣୁ ବୈଷୟିକ ରିପୋର୍ଟ ହସ୍ତଗତ ହୋଇ ସାରିଥିବାରୁ ତୁରନ୍ତ ସମଗ୍ର ରତ୍ନଭଣ୍ଡାରର ମରାମତି ଓ ସଂରକ୍ଷଣ କାର୍ଯ୍ୟ ହାତକୁ ନେବାକୁ ଏଏସଆଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ଲେଖିଛନ୍ତି ମୁଖ୍ୟ ପ୍ରଶାସକ । ତା'ସହ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ସେ ଦର୍ଶାଇଛନ୍ତି । ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ଜିପିଆରଏସ୍ ସର୍ଭେ କରାଯାଇଥିଲା । ତାହାର ରିପୋର୍ଟ ଶନିବାର ଅପରାହ୍ନରେ ହସ୍ତଗତ ହୋଇଛି । ୪୫ ପୃଷ୍ଠାର ରିପୋର୍ଟର ଇ-ମେଲ୍ ମାଧ୍ୟମରେ ଆସିଛି । ରିପୋର୍ଟକୁ ତର୍ଜମା କରୁଛୁ । ଶ୍ରୀମନ୍ଦିରର ସୁରକ୍ଷାକୁ ସବୁବେଳେ ଗୁରୁତ୍ୱ ଦିଆଯାଇଛି । ବୈଷୟୀକ ରିପୋର୍ଟ ହସ୍ତଗତ ହେଲା ପରେ ଏସ୍‌ଆଇ ଚିଠି ଲେଖାଯାଛି । ଯଥା ଶୀଘ୍ର ଶ୍ରୀମନ୍ଦିର ମରାମତି, ରକ୍ଷଣାବେକ୍ଷଣା କାର୍ଯ୍ୟ କରିବା ପାଇଁ ଚିଠି ଲେଖାଯାଇଛି । ଏହାଛଡ଼ା ଏ ନେଇ ଛତିଶାନିଯୋଗକୁ ମଧ୍ୟ ଅବଗତ କରାଯାଇଛି ବୋଲି ଡକ୍ଟର ପାଢ଼ୀ କହିଛନ୍ତି । ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଅନୁମୋଦନ କରିଥିବା ଏସ୍‌ଓପି ଅନୁସାରେ ଜୁଲାଇ ୧୪ ଓ ୧୮ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାରୁ ସବୁ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ତା'ପରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ ପାଇଁ ପୂର୍ବରୁ ହାଇଲେବୁଲ୍ କମିଟି, ମ୍ୟାନେଜିଂ କମିଟି ଓ ରାଜ୍ୟ ସରକାର ପରାମର୍ଶ ଦେଇଥିଲେ । ସେହି ସମୟରେ ଯାହା ସାଇଣ୍ଟିଫିକ୍ ଇନ୍‌ଭେଷ୍ଟିଗେସନ୍ କରିବା କଥା କରନ୍ତୁ ବୋଲି କୁହାଯାଇଥିଲା । ସେହି କ୍ରମରେ ଏଏସ୍‌ଆଇ ତରଫରୁ ସିଏସ୍‌ଆର ହାଇଦ୍ରାବାଦ ସ୍ଥିତ ଏନଜିଆରଆଇ ଇନ୍‌ଷ୍ଟିଚ୍ୟୁଟ୍ ସହାୟତା ବିଭିନ୍ନ ସର୍ଭେକ୍ଷଣ କାର୍ଯ୍ୟ କରାଯାଇଥିଲା । ସେହି ରିପୋର୍ଟ ଆଜି ହସ୍ତଗତ ହୋଇଛି । ସେହି ରିପୋର୍ଟ ଆଧାରରେ ଶ୍ରୀମନ୍ଦିର ମରାମତି ଓ ସଂରକ୍ଷଣ କାମ କରିବା ପାଇଁ ଏଏସ୍‌ଆଇକୁ ଅନୁରୋଧ କରିଛୁ । ମରାମତି ହୋଇସାରିବା ପରେ ଏସ୍‌ଓପି ଅନୁସାରେ ଗଣତିମଣତି କରାଯିବ ବୋଲି ଡକ୍ଟର ପାଢୀ କହିଛନ୍ତି ।

# ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲୋକଙ୍କୁ ଆକୃଷ୍ଟ କରୁଛି ଓଡ଼ିଶାର 'କରୁଣା ସିଲ୍କ'

**ନୂଆଦିଲ୍ଲୀ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଶମ ପୋକକୁ ନମାରି କ୍ରୁରତାହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରି ଓଡ଼ିଶା ଯେଉଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା, ସେଥିରେ ଏକ ନୂଆ ବିଷୟ ଯୋଡ଼ି ହୋଇଛି । ଏହି ପଦ୍ଧତିରେ ବାହାରୁଥିବା ରେଶମ ସୂତାରେ ଏବେ କୌଣସି ପ୍ରକାର କୃତ୍ରିମ ରଙ୍ଗ ନ ମିଶାଇ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'କରୁଣା ସିଲ୍କ'ର କପଡ଼ା ପ୍ରସ୍ତୁତ କରାଯାଉଛି । ଏହି କପଡ଼ାରୁ ତିଆରି ଆଧୁନିକ ପୋଷାକ ନୂଆଦିଲ୍ଲୀର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଗ୍ରାହକଙ୍କ ଆଦର ଲାଭ କରିଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଛି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା । ଏହି ମେଳାର 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ବିଭିନ୍ନ ହସ୍ତକଳା ଓ ହସ୍ତତନ୍ତ, ଜନଜାତି କଳାକୃତି ଏବଂ ଗ୍ରାମୀଣ ଉତ୍ପାଦ ଆଦି ପ୍ରଦର୍ଶନ ଓ ବିକ୍ରି ହେଉଛି । ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ଅମ୍ଳାନ' ଆଉଟଲେଟ୍‌ରେ 'କରୁଣା ସିଲ୍କ' ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ପୋଷାକ ବିକ୍ରି କରାଯାଉଛି । ତା' ମଧ୍ୟରେ ରହିଛି ଶାଢ଼ି, କପଡ଼ା ଏବଂ ରେଡିମେଡ୍ ଜ୍ୟାକେଟ୍ । 'କରୁଣା ସିଲ୍କ' ଉତ୍ପାଦନର ଏହି ଅଭିନବ ପଦ୍ଧତିକୁ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରାଜ୍ୟ ସରକାର ପ୍ରଦର୍ଶନ କରୁଛନ୍ତି । ଓଡ଼ିଶାର ଯାଜପୁର ଜିଲ୍ଲା ଗୋପାଳପୁର ଅଂଚଳର ବୁଣାକାରମାନେ 'ଓଡ଼ିଶା



ମଣ୍ଡପ'ର ଲାଇଭ୍ ଡେମନଷ୍ଟ୍ରେସନ୍ ଭାଗରେ ବସି ପାରମ୍ପରିକ ତନ୍ତ ସାହାଯ୍ୟରେ କପଡ଼ା ବୁଣୁଛନ୍ତି । ଦେଶ ବିଦେଶର ପର୍ଯ୍ୟଟକ, ବିଶେଷକରି ଭାରତୀୟ ପୋଷାକପ୍ରେମୀ ଏଥିପ୍ରତି ଆକର୍ଷିତ ହେବା ସହ ଏହି ଅଭିନବ ସିଲ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । "ଓଡ଼ିଶାର 'କରୁଣା ସିଲ୍କ' ବିଷୟରେ ମୁଁ ପ୍ରଥମଥର ପାଇଁ ବାଣିଜ୍ୟ ମେଳାରୁ ଜାଣିବାକୁ ପାଇଲି । ରେଶମ ପୋକକୁ ନମାରି ଏବଂ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର ନକରି ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଏଭଳି ସିଲ୍କ ପ୍ରସ୍ତୁତ କରିବା ପ୍ରଶଂସାଯୋଗ୍ୟ", କହିଛନ୍ତି ମେଳା ବୁଲିବାକୁ ଆସିଥିବା ଦିଲ୍ଲୀର ଉଦିତ ଜୈନ । "କରୁଣା ସିଲ୍କର ପୋଷାକ ଦିଲ୍ଲୀବାସୀଙ୍କୁ ଭାରି ପସନ୍ଦ ଆସୁଛି । କାରଣ ଏହା ତନ୍ତ ତିଆରି । ତା' ସାଙ୍ଗକୁ ଏଥିରେ କୌଣସି ରାସାୟନିକ ରଙ୍ଗ ବ୍ୟବହାର କରାଯାଉ ନାହିଁ । ବାଣିଜ୍ୟ ମେଳାକୁ ଆସୁଥିବା ଲୋକେ ଏହାର ଲାଇଭ୍ ଡେମୋ ଦେଖିବା ପରେ ଏହି ପୋଷାକ ବିଷୟରେ ଅଧିକ ଜାଣିବା ପାଇଁ ଆଗ୍ରହ ଦେଖାଉଛନ୍ତି", କହିଛନ୍ତି ସେରିଫେଡ୍ ପକ୍ଷରୁ ମେଳାର 'ଅମ୍ଳାନ' ଆଉଟ୍‌ଲେଟ୍‌ରେ ଥିବା ବାବୁଲି ଦାସ । ଓଡ଼ିଶାରେ ୪ ପ୍ରକାର ରେଶମ କୀଟର ଚାଷ କରାଯାଉଛି ।

# ଯାତ୍ରାକୁ ସ୍ୱୀକୃତି ଦେବେ ଓଡ଼ିଶା ସରକାର: ଖୁବ୍ ଶୀଘ୍ର ଆଇନ ଆସିବ, ଲାଗିବ କଟକଣା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରାକୁ ସ୍ୱୀକୃତି ଦେବେ ଓଡ଼ିଶା ସରକାର । ଖୁବ୍ ଶୀଘ୍ର ଆଇନ ଆସିବ । ଲାଗିବ କଟକଣା । ନିର୍ଦ୍ଦିଷ୍ଟ ସୀମା ଭିତରେ ପରିବେଷଣ ହେବ ଯାତ୍ରା । ସେଥିପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ସରକାରଙ୍କ ବିଭିନ୍ନ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଛି । ବିଭାଗୀୟ ଅଧିକାରୀମାନେ ଏହା ଉପରେ ନଜର ରଖିଛନ୍ତି । ଏ ନେଇ ସରକାର ଘୋଷଣା କରିବେ ବୋଲି ସୂଚନା ମିଳିଛି । ଗତ ୬ ତାରିଖରେ ଏକ ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସଂକ୍ରାନ୍ତରେ ସମ୍ୟକ୍ ସୂଚନା ଦେଇଥିଲେ । ଯାତ୍ରାରେ ଅଶ୍ଳୀଳତା ବନ୍ଦ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଥିଲେ, ଓଡ଼ିଆ ଅସ୍ମିତା, ସଂସ୍କୃତିର ସୁରକ୍ଷା ପାଇଁ ଯାହା ଆବଶ୍ୟକ ସରକାର କରୁଛନ୍ତି ଓ କରିବେ । ଏ କ୍ଷେତ୍ରରେ ଅଶ୍ଳୀଳତାକୁ କଦାପି ବରଦାସ୍ତ କରାଯିବନି । କଠୋର ମାଗଦର୍ଶିକା ଖୁବ୍‌ଶୀଘ୍ର ଜାରି ହେବ । ଏହାକୁ ଉଲ୍ଲଂଘନ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ । ଗତ ୫ ତାରିଖରେ ଓଡ଼ିଶା ଯାତ୍ରା କମିଟି ମହାସଂଘର କର୍ମକର୍ତ୍ତା ଏନେଇ ଆଇନ



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଛନ୍ତି । ସେମାନେ ଭେଟିବା ପୂର୍ବରୁ ମଧ୍ୟ ମନ୍ତ୍ରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ଦେଇଥିଲେ । ଏନେଇ ମୁଁ ମଧ୍ୟ ଆଇନ ମନ୍ତ୍ରୀଙ୍କ ସହିତ ଦୀର୍ଘ ୫/୬ ଘଣ୍ଟା ଆଲୋଚନା କରିଛି । ସଂସ୍କୃତି ମନ୍ତ୍ରୀ ହିସାବରେ ଯାହା ସହଯୋଗ ଦରକାର ହେବ ବିଭାଗ କରିବ ବୋଲି କହିଛି । ପ୍ରଥମେ ଯାତ୍ରାରେ ଅଶ୍ଳୀଳତା ବନ୍ଦ ପାଇଁ ମାର୍ଗଦର୍ଶିକା ଜାରି କରି ନିୟମରେ ବନ୍ଧାଯିବ । ପରେ ଯାତ୍ରା କେଉଁ ବିଭାଗ ଅଧୀନରେ ରହିବ ତାହା ସରକାର ଚିନ୍ତା କରିବେ । କିନ୍ତୁ ଭବିଷ୍ୟତରେ ସରକାର ଯାତ୍ରାକୁ ସ୍ୱୀକୃତି ନିଶ୍ଚିତ ଦେବେ ବୋଲି ସଂସ୍କୃତି ମନ୍ତ୍ରୀ ପରୋକ୍ଷରେ ସୂଚିତ କରିଥିଲେ । ଏହା ଉପରେ ଖୁବ୍ ଶୀଘ୍ର ଯାତ୍ରା ମାଲିକ, କଳାକାର ଓ କମିଟିମାନଙ୍କ ସହ ସବିଶେଷ ଆଲୋଚନା ହୋଇ ଯାହା ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟପକ୍ଷରେ ଶାସକ ଦଳର ବିଧାୟକ ବାବୁ ସିଂ ଯାତ୍ରାରେ ଚଳଚ୍ଚିତ୍ର ପରି ସେନ୍‌ସର ବ୍ୟବସ୍ଥା ଲାଗୁ କରିବା ଲାଗି ଦାବି କରିଛନ୍ତି । ସେ କହିଛନ୍ତି, ଅଶ୍ଳୀଳତା କାରଣରୁ ଯାତ୍ରାକୁ ଆଉ ଦେଖି ହେଉନାହିଁ । ତେଣୁ ଯାତ୍ରା କଳାର ସୁରକ୍ଷା ଏବଂ ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଶୃଙ୍ଖଳା ଦୃଷ୍ଟିରୁ ସେନ୍‌ସର ଜରୁରି । ନିକଟରେ ଅନୁଷ୍ଠିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ସେ ସରକାରଙ୍କ ସାମ୍ନାରେ ଏହି ପ୍ରସ୍ତାବ ରଖିଥିଲେ ଯାହାକୁ ଅନେକାଂଶରେ ସ୍ୱାଗତ କରାଯାଇଛି କିନ୍ତୁ କାର୍ଯ୍ୟକାରିତାକୁ ଅପେକ୍ଷା ରହିଛ ।

# ଗୋଶାଳାଗୁଡ଼ିକୁ ୮.୯୬ କୋଟି ଟଙ୍କାର ସହାୟତା ପ୍ରଦାନ କଲେ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନାରେ ରାଜ୍ୟରେ ଥିବା ଗୋଶାଳାଗୁଡ଼ିକୁ ଅସହାୟ ଗୋରୁଙ୍କ ଯତ୍ନ ଓ ରକ୍ଷଣାବେକ୍ଷଣ ପାଇଁ ସହାୟତା ପ୍ରଦାନ କରାଯାଉଛି । ଆମ ସମାଜରେ ଗୋରୁଙ୍କ ମୂଲ୍ୟବାନ ଅବଦାନକୁ ବିଚାରକୁ ନେଇ ସେମାନଙ୍କ ପାଇଁ ନୂତନ ଗୋଶାଳା ପ୍ରତିଷ୍ଠା ସକାଶେ ମଧ୍ୟ ସହାୟତା ପ୍ରଦାନ କରାଯାଉଛି । ଗୋଶାଳାରେ ଅସହାୟ ଗୋରୁଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଗୋବର ବ୍ୟବହାରକ୍ରମେ ଜିଆଖତ ଉତ୍ପାଦନ ସକାଶେ ଗୋଧନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ସହାୟତା ପ୍ରଦାନ କରାଯାଉଛି । ଗୋଶାଳା ଓ ଗୋଧନ କେନ୍ଦ୍ରଗୁଡ଼ିକ ରାଜ୍ୟରେ ପ୍ରାଣୀକଲ୍ୟାଣ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଲ୍ଲେଖ କରିଛନ୍ତି ।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସ୍ୱାମୀନାଥନ୍ ହଲ୍‌ରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଯୋଗଦେଇ ପଞ୍ଜିକୃତ ଗୋଶାଳାଗୁଡ଼ିକୁ ସହାୟତା ରାଶି ବିତରଣୀ କରିଛନ୍ତି । ଶ୍ରୀ ମଲ୍ଲିକ କହିଛନ୍ତି ଯେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା ଏକ ଦୟାଳୁ ଓ ସମାବେଶୀ ସମାଜ ଗଠନ ନିମନ୍ତେ ପ୍ରତିବଦ୍ଧ । ଏହା ଦ୍ୱାରା ରାଜ୍ୟର ଗୋଶାଳା ଓ ଗୋପାଳକମାନେ ଉପକୃତ ହୋଇପାରିବେ ।

କାର୍ଯ୍ୟକ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟର ପଞ୍ଜୀକୃତ ୬୬ଟି ଗୋଶାଳାକୁ ପ୍ରଥମ ପର୍ଯ୍ୟାୟ ସହାୟତା ରୂପେ ୮.୯୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରତି ବୟସ୍କ ଗୋଡ଼୍ ପାଇଁ ବାର୍ଷିକ ୨୦ ହଜାର ଟଙ୍କାର ସହାୟତା ଭାବରେ ପ୍ରାୟ ୨୦ ହଜାର ଅସହାୟ ଗୋରୁଙ୍କ ରକ୍ଷଣାବେକ୍ଷଣ କରାଯାଇପାରିବ । ସେହିପରି ନୂତନ ଗୋଶାଳା ପ୍ରତିଷ୍ଠା ନିମନ୍ତେ ୧୩ଟି ପ୍ରାଣୀ କଲ୍ୟାଣ ସଂସ୍ଥାଙ୍କୁ ପ୍ରାୟ ୧୩୦୦ ଅସହାୟ ଗୋରୁଙ୍କ ଥଇଥାନ ପାଇଁ ଗୋଶାଳା ନିର୍ମାଣ ସକାଶେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏହି ନୂତନ ଗୋଶାଳାଗୁଡ଼ିକ କାର୍ଯ୍ୟକ୍ଷମ ହେବା ପରେ ସେମାନଙ୍କୁ ପ୍ରାୟ ୫ କୋଟି ଟଙ୍କାର ସହାୟତା ଯୋଗାଇ ଦିଆଯିବ । ସେହିପରି ୪୭ଟି ଗୋଧନ କେନ୍ଦ୍ର ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏହି ୪୭ଟି ଗୋଧନ କେନ୍ଦ୍ର ପ୍ରତିଷ୍ଠା ହେବା ପରେ ୨.୧୫ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ଏବଂ ବାର୍ଷିକ ପ୍ରାୟ ୩ ହଜାର ଟନ ଜିଆଖତ ଉତ୍ପାଦନ ହୋଇପାରିବ । ଏହା ମାଧ୍ୟମରେ ରାଜ୍ୟର ଗୋଶାଳା ଏବଂ ଗୋପାଳକମାନେ ଲାଭବାନ ହୋଇପାରିବେ । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା, ରାଜ୍ୟର ବିଭିନ୍ନ ପ୍ରାଣୀ କଲ୍ୟାଣ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏବଂ ସରକାରୀ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପ ନୀତି ଓ ...

ସମୟରେ ପାଇବାକୁ ସକ୍ଷମ ହେବେ । ଏହାସହିତ ପ୍ରୋତ୍ସାହନକୁ ସୁଗମ ପରିଚାଳନା ମଧ୍ୟ ସହଜ ହେବ । ଯେଉଁ ନିବେଶକମାନେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିସାରିଛନ୍ତି କିନ୍ତୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ କରିବାକୁ ବିଫଳ ହୋଇଥିଲେ, କିନ୍ତୁ ୨୦୨୩ ଜୁନ ୩୦ତାରିଖ ମଧ୍ୟରେ ଦାଖଲ କରି ବି ଅଯୋଗ୍ୟ ହୋଇଥିବେ ସେମାନଙ୍କର ଦରଖାସ୍ତ ଯୋଗ୍ୟ ଆବେଦନକାରୀ ଭାବେ ପୁନଃବିଚାର କରାଯିବ । ୨୦୨୩ ଜୁନ ୩୦ ପରେ ଦାଖଲ ହୋଇଥିବା ଆବେଦନଗୁଡ଼ିକୁ ବିବେଚନା କରାଯିବ ନାହିଁ । ଯେଉଁଠାରେ ଶିଳ୍ପ ସଂସ୍ଥାର ନିୟନ୍ତ୍ରଣ ବାହାରେ ଥିବା କାରଣରୁ ବିଳମ୍ବ ହେବାର ପରିଲକ୍ଷିତ ହେବ ତାହା ମୁଖ୍ୟ ସଚିବଙ୍କ ସ୍ତରରେ ବିଚାର କରାଯିବ । ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ଏକ ସଂଶୋଧନ ୨୦୧୮ ନଭେମ୍ବର ୧୩ ତାରିଖରେ କରାଯାଇଥିଲା । ଯେଉଁଥିରେ ଦ୍ରବଣ ନିଷ୍କାସନ, ରିଫାଇନ ତୈଳ ପ୍ରସ୍ତୁତି ଓ ପାନୀୟ ଜଳର ବିଶୋଧନ କାରଖାନା କାର୍ଯ୍ୟକଳାପକୁ ନକରାତ୍ମକ ତାଲିକାରୁ ହଟାଯାଇଥିଲା ଓ ଏହି ନୀତି ଅନୁସାରେ ପ୍ରୋତ୍ସାହନ ପାଇଁ ସେମାନେ ଯୋଗ୍ୟ ହୋଇଥିଲେ । କିନ୍ତୁ ୨୦୨୦ ଅଗଷ୍ଟ ୧୮ତାରିଖରେ ଓଡ଼ିଶା ଶିଳ୍ପ ନୀତି-୨୦୧୫ରେ ସମାନ ବ୍ୟବସ୍ଥା କରାଯାଇଥିଲା । ତେଣୁ ଉଭୟ ନୀତିରେ ଥିବା ଅସଙ୍ଗତିକୁ ଦୃଷ୍ଟିରେ ରଖି ସରକାର ଏବେ ୨୦୨୦ ଅଗଷ୍ଟ ୧୮ରେ ଶିଳ୍ପ ନୀତିରେ ହୋଇଥିବା ସଂଶୋଧନକୁ ୨୦୧୬ ଖାଦ୍ୟ ପ୍ରକ୍ରିୟାକରଣ ନୀତିରେ ହୋଇଥିବା ସଂଶୋଧନ ତାରିଖଠାରୁ ଅର୍ଥାତ ୨୦୧୮ ନଭେମ୍ବର ୧୩ରୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହା ଫଳରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମୀକ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପ୍ରାପ୍ତି ଦିଗରେ ହୋଇଥିବା ସମସ୍ୟା ଓ ସମାଧାନ କରିବାକୁ ଏହି ସଂଶୋଧନ କରାଯାଇଛି । ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତ୍ତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ଓ ଅଧ୍ୟାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମୀକ ପ୍ରଫେସନାଲଙ୍କୁ ଜଡ଼ିତ କରିବା, ଅର୍ଥ କମିଟି ଓ ନିର୍ମାଣ କମିଟି ଆଦି ଗଠନ କରିବା ଏହି ଆଇନରେ ସଂଶୋଧନ ଦ୍ୱାରା ସମ୍ଭବ ହୋଇପାରିବ । ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲାକୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ଲକ୍ଷ୍ୟ ରଖିଛନ୍ତି । ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଓ ସମୟସୀମାବଦ୍ଧ ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡ଼ିକ ପରିକଳ୍ପନା କରାଯାଇଛି । ଏହି ସଂଶୋଧନ ଜାତୀୟ ଶିକ୍ଷା ନୀତି-୨୦୨୦ର ପରିବର୍ତ୍ତନଶୀଳ ଦିଗଗୁଡ଼ିକୁ ମଧ୍ୟ ସାମିଲ କରାଯାଇଥିବା ଜଣାପଡ଼ିଛି ।

### ଝାଡ଼ଖଣ୍ଡରେ...

ଏନଡିଏ ୩୦ଟି ଆସନ ଆଗରେ ରହିଛି । ଏଠାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ହେଉଛି ୪୧ । ତେଣୁ ଇଣ୍ଡିଆ ମେଣ୍ଟ ଏଠାରେ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । ହେମନ୍ତ ସୋରେନ ଏକଜିଟ ପୋଲ ଫଳାଫଳକୁ ଭୁଲ ପ୍ରମାଣିତ କରି କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଦିବାସୀ ବହୁଳ ଝାଡ଼ଖଣ୍ଡରେ ସରକାର ଗଠନ କରିବାକୁ ଯାଉଛନ୍ତି ।

ହେମନ୍ତ ସୋରେନ ଓ ଇଣ୍ଡିଆ ମେଣ୍ଟକୁ ଗାଦିଚ୍ୟୁତ କରିବା ପାଇଁ ବିଜେପି ଜୋରଦାର ଉଦ୍ୟମ କରିଥିଲେ ହେଁ ଫେଲ ମାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଖଣ୍ଡରେ ଘନଘନ ପ୍ରଚାର କରିଥିଲେ । ବିଜେପିର ହେଭିୱେଟମାନେ ବାଂଲାଦେଶରୁ ହେଉଥିବା ତଥାକଥିତ ବେଆଇନ ଅନୁପ୍ରବେଶ ଓ ଜମି ଜିହାଦ କଥା ଉଠାଇ ହେମନ୍ତ ସୋରେନଙ୍କୁ ଟାର୍ଗେଟ କରିଥିଲେ । ଅନୁପ୍ରବେଶକାରୀମାନେ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ନେଇ ଯାଉଥିବା ଅଭିଯୋଗ କରି ବିଜେପି ମାଟି, ବେଟି ଓ ରୁଟି ନାଁରେ ପ୍ରଚାର କରିଥିଲା । ହେଲେ ଝାଡ଼ଖଣ୍ଡରେ ବିଜେପିର ସବୁ ଯୋଜନା ମାତ ଖାଇଯାଇଛି । ବିଜେପି ଅନୁପ୍ରବେଶ ଓ ଜିହାଦ କଥା କହୁଥିବା ବେଳେ ଜେଏମମ ନିଜର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଧାର କରିଥିଲା । ବିଶେଷ କରି ମୁଖ୍ୟମନ୍ତ୍ରୀ ମଇୟା ସମ୍ମାନ ଯୋଜନା ଓ ଆଦିବାସୀ ଅସ୍ମିତାର ନାରା ଦେଇ ଲୋକଙ୍କ ନିକଟବର୍ତ୍ତୀ ହୋଇଥିଲା । ମୁଖ୍ୟମନ୍ତ୍ରୀ ମଇୟା ଯୋଜନାରେ ଯୋଗ୍ୟ ବିବେଚିତ ମହିଳାଙ୍କୁ ମାସିକ ୧ ହଜାର ଟଙ୍କା ଲେଖାଏଁ ମଧ୍ୟ ସୋରେନ ସରକାର ଦେଇଥିଲେ । ଏବେ ଜେଏମଏମ ଓ ଇଣ୍ଡିଆ ମେଣ୍ଟର ବଡ଼ ବିଜୟ ପଛରେ ମହିଳାଙ୍କ ବଡ଼ ଭାଗିଦାରୀ ରହିଛି । ୮୧ଟି ବିଧାନସଭା ଆସନ ମଧ୍ୟରୁ ୬୮ଟି ଆସନରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ମଧ୍ୟ ରହିଛି । ଏହି ବିଧାନସଭା ନିର୍ବାଚନ ହେମନ୍ତ ସୋରେନଙ୍କ ପାଇଁ ଆଦୌ ସହଜ ନଥିଲା । ସରକାରୀ ବିରୋଧୀ ହାୱା, ଗିରଫଦାରୀ ଓ ଘନିଷ୍ଠ ସହଯୋଗୀମାନେ ମଧ୍ୟ ଜେଏମଏମର ହାତ ଛାଡ଼ି ଦେଇଥିଲେ । ହେମନ୍ତ ସୋରେନଙ୍କ ଭାଉଜ ସୀତା ସୋରେନ, ସହଯୋଗୀ ଚମ୍ପାଇ ସୋରେନଙ୍କ ଭଳି ହେଭିୱେଟ ନିର୍ବାଚନ ପୂର୍ବରୁ ବିଜେପିରେ ମିଶିଥିଲେ । ତଥାପି ହେମନ୍ତ ସୋରେନ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇ ଝାଡ଼ଖଣ୍ଡରେ ବିଜୟୀ ହେବାକୁ ଯାଉଛନ୍ତି ।

### ମହାରାଷ୍ଟ୍ରରେ ବିଜେପି ...

ହୋଇପାରେ, କାରଣ ଦଳ ରାଜ୍ୟରେ କେବେ ମଧ୍ୟ ଏତେ ସଂଖ୍ୟକ ଆସନ ପାଇ ନାହିଁ । ଏହି ବିଶାଳ ବିଜୟ ସହିତ ବିଜେପି କେବଳ ରାଜ୍ୟ ରାଜନୀତିରେ ଏକ ଶକ୍ତିଶାଳୀ ସ୍ଥାନ ପାଇବ ନାହିଁ ବରଂ ଏହା ମିଳିତ ସରକାରରେ ମଧ୍ୟ ବହୁତ ଶକ୍ତିଶାଳୀ ହେବ । ଏହି କାରଣରୁ ଏହାର ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ପଦ ପାଇବାରେ ବିଜେପି ସଫଳ ହୋଇପାରେ ବୋଲି ସମ୍ଭାବନା ମଧ୍ୟ ପ୍ରକାଶ ପାଇଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଦଳ ପାଇଁ ଏକ ଆହ୍ୱାନ ହୋଇ ରହିଆସିଥିଲା । ଏଥିସହିତ ମହାଯୁତି ମିଳିତ ମଞ୍ଚ କ୍ଷମତାକୁ ଫେରୁଥିବା ଜଣାପଡିଛି । ଏନଡିଏ ସହଯୋଗୀ ଦଳ ବର୍ତ୍ତମାନ ୨୨୮ଟି ଆସନରେ ଆଗୁଆ ଥିବାବେଳେ ବିରୋଧୀ ଇଣ୍ଡିଆ ମେଣ୍ଟ ୫୨ଟି ଆସନରେ ଆଗୁଆ ରହିଛି । ଅବଶିଷ୍ଟ ୮ଟି ଆସନରେ ଅନ୍ୟ ଦଳ ଆଗୁଆ ରହିଛନ୍ତି । ଏହି ଧାରା ସୂଚାଇ ଦେଉଛି ଯେ ରାଜ୍ୟରେ ବିଜେପି ଏବଂ ଏହାର ସହଯୋଗୀ ଦଳର ସ୍ଥିତି ଅତ୍ୟନ୍ତ ମଜଭୂତ ହୋଇଛି । ଆଗାମୀ ଦିନରେ ମହାରାଷ୍ଟ୍ରରେ ବିଜେପି କ୍ଷମତାର ଚାବି ନିଜ ପାଖକୁ ନେବାର ଆଶା ରହିଛି ବୋଲି ଚର୍ଚ୍ଚା ହେଉଛି ।

# ଧାନ ବିକ୍ରି ନେଇ ସଚେତନତା କାର୍ଯ୍ୟକ୍ରମ



**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ବିଭିନ୍ନ ଗ୍ରାମର ଚାଷୀଙ୍କ ଧାନ ବିକ୍ରି ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗୋଶାଣୀ ବ୍ଲକର ଜଙ୍ଗଲପାଡୁ ଗ୍ରାମରେ ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କ ଧାନ ବିକ୍ରି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଙ୍କୁଡୁ, ଉତ୍ତରସେଲି, ଇଂଲିଶ ପେଣ୍ଟ, ଜଙ୍ଗଲପାଡୁ ଗ୍ରାମର ବିଭିନ୍ନ ସ୍ଥାନରେ ଚାଷୀମାନଙ୍କୁ ଏକତ୍ରିତ କରି ୨୦୨୪-୨୦୨୫ ବର୍ଷ ସକାଶେ ଧାନ ମଣ୍ଡିରେ କିପରି ଭାବରେ ଧାନ କିଣାଯିବ । ଧାନର ଗୁଣବତ୍ତା କ୍ୟୁଣ୍ଟାଲ ପିଛା ପ୍ରକୃତ ମୂଲ୍ୟ ୩୧୦୦ ଟଙ୍କା ଆଦି ସମ୍ପର୍କରେ ସଚେତନତା କରାଯାଇଥିଲା । ଏଥିରେ ଜଙ୍ଗଲପାଡୁ ସେବା ସମବାୟ ସମିତିର ସମ୍ପାଦକ ବାବୁଲି ସାମଲ, ଡାଟା ଅପରେଟର ଚିନ୍ନା ଗୋଟିପାଲ୍ଲୀ, ଖଗେଶ୍ୱର ରାଓ ଓ ସହକାରୀ ଡାଟା ଓପରେଟର ରାଜେନ୍ଦ୍ର ପ୍ରସାଦ ପାତ୍ର ସଚେତନତା କରିଥିଲେ ।

# ଗଞ୍ଜେଇ ସହ କାର୍ ଜବତ : ୨ଗିରଫ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

ବାଲିଗୁଡା ଅବକାରୀ ବିଭାଗ ଗଞ୍ଜେଇ ଚୋରାଚାଲାଣ ବେଳେ ଚଢଉ କରି କାର ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ସୂଚନା ପ୍ରକାରେ ଅବକାରୀ ବିଭାଗ ଗଂଜେଇ ଚାଲାଣ ହେଉଥିବା କୌଣସି ପ୍ରକାରେ ସୂଚନା ପାଇ ସାରଙ୍ଗଡ ଥାନା ଅନ୍ତର୍ଗତ ବନ୍ଧଗୁଡା ଛକରେ ଜଗିଥିଲେ। ଏହି ସମୟରେ ଗୋଟିଏ ଧଳା ରଙ୍ଗର ମାରୁତି ସୁଜୁକି କାରକୁ




ଅଟକାଇ ଜବତ କରି ଦେଖିବା ବେଳେ କାର ଭିତରୁ ୨୩କେଜି ଗଂଜେଇ ବାହାରିଥିଲା। କାର ଓ ଗଂଜେଇକୁ ଜବତ କରିଥିବା ବେଳେ କାର ଭିତରେ ଥିବା ଦୁଇ ଗଂଜେଇ ଚାଲାଣକାରି ଯୁବକ ଅଭୟ ପର୍ଶୁରାମ ମହାରଣା (୨୦) ଘର ଫିରିଙ୍ଗିଆ ଓ ଆଉ ଜଣେ ବିକୁ ଦିଗାଳ (୨୦) ଘର ଶଙ୍କରାଖୋଲକୁ ଗିରଫ କରି କେଶ ନମ୍ବର ୭୨ରେ ମାମଲାରୁଜୁ କରି କୋର୍ଟଚାଲାଣ କରାଯାଇଥିବା ନେଇ ଇନିସପେକ୍ଟର ପୁର୍ଣ୍ଣଚନ୍ଦ୍ର ବେହେରା ସୁଚନା ଦେଇଛନ୍ତି । ଏହି ଚଢଉରେ ଓଆଇସି ସୁମିତ୍ରା ଦଳେଇ ଏସଆଇ ଏନ ତିରୁପତି ରାଓ ଓ ଭବାନୀ ଶଙ୍କର ସେଠୀ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୨୪ ନଭେମ୍ବର
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ଉତ୍କଳୀୟ ପରମ୍ପରା ପ୍ରଥମା ଅଷ୍ଟମୀ

# ଶ୍ରୀମନ୍ଦିରରେ ପୋଢୁଆଁ ହେଲେ ଶ୍ରୀବିଗ୍ରହ



ଭୁବନେଶ୍ୱର, ୨୩/୧୧
ନ୍ୟୁଜ ବ୍ୟୁରୋ

ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ତିଥି । ଉତ୍କଳୀୟ ପରମ୍ପରାରେ ଶନିବାର ପାଳିତ ହୋଇଛି ପ୍ରଥମାଷ୍ଟମୀ । ଶ୍ରୀମନ୍ଦିରରେ ପୋଢୁଆଁ ଅଷ୍ଟମୀରେ ସ୍ୱତନ୍ତ୍ର ନୀତିକାନ୍ତି ହୋଇଛି । ନିଆଳି ମାମୁଁ ଘରୁ ଆସିଥିବା ନୂଆ ଭାରରେ ପୋଢୁଆଁ ହେଲେ ଶ୍ରୀବିଗ୍ରହ । ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ସମେତ ଶ୍ରୀଦେବୀ, ଭୂଦେବୀ, ସୁଦର୍ଶନ ଓ ମଦନମୋହନଙ୍କ ପାଇଁ ମାମୁଁ ଘର ନିଆଳି ବ୍ଲକ୍ ମାଧବ ପଞ୍ଚାୟତର ଶ୍ରୀମାଧବାନନ୍ଦଜୀଉ ମନ୍ଦିରରୁ ଶ୍ରୀମନ୍ଦିରକୁ ଶୁକ୍ରବାର ପୋଢୁଆଁ ଭାର ଆସିଥିଲା ।

ପ୍ରତ୍ୟେକ ଓଡ଼ିଆ ଘରେ ପ୍ରଥମା ଅଷ୍ଟମୀ ଏକ ପ୍ରମୁଖ ପର୍ବ । ପୋଢୁଆ ଅଷ୍ଟମୀରେ ପିଠାମିଠାରେ ମହକୁଛି ଘରଦ୍ୱାର । ଘରର ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ଅନୁଷ୍ଠିତ ହୋଇଛି ଏହି ପୂଜାବିଧି । ମା' ମାନେ ଷଠୀ ଦେବୀଙ୍କର ପୂଜା ଅର୍ଚ୍ଚନା କରିବା ସହ ଜ୍ୟେଷ୍ଠ ସନ୍ତାନଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଫୁଲଚନ୍ଦନରେ ବନ୍ଦାପନା କରିଛନ୍ତି । ଏହି ପଢୁଆଁ ଭାର ମାମୁଁ ଘରୁ ଆସିବାର ପରମ୍ପରା ରହିଛି । ମାମୁଁ ଘର ଲୋକ ଭଣଜା-ଭାଣିଜୀଙ୍କୁ ପୋଢୁଆଁ କରିଥାନ୍ତି ଏହି ପର୍ବରେ ।

## ମଣ୍ଡି ବ୍ୟତୀତ ବାହାରେ ଧାନ କିଣିଲେ ହେବ କଡ଼ା ଆକ୍ସନ

ଭୁବନେଶ୍ୱର ୨୩।୧୧ ନ୍ୟୁଜ ବ୍ୟୁରୋ

ବିଭିନ୍ନ ସ୍ଥାନରେ ମିଲରମାନେ ସିଧାସଳଖ ଚାଷୀଙ୍କଠୁ କମ୍ ଦାମ୍‌ରେ ଧାନ କିଣି ମହଜୁଦ କରି ରଖିବା ପ୍ରସଙ୍ଗରେ କଡା ଆଭିମୁଖ୍ୟ ଜାହିର କଲା ଯୋଗାଣ ବିଭାଗ । ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମିଲରମାନଙ୍କୁ ଚେତାବନୀ ଦେଇ କହିଛନ୍ତି, ସିଧାସଳଖ ମିଲର ମାନେ କୃଷକଙ୍କ ନିକଟରୁ ଧାନ କିଣି ପାରିବେ ନାହିଁ । କେବଳ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମଣ୍ଡିରୁ ଧାର୍ଯ୍ୟ ଦରରେ ଧାନ କିଣିବେ । ସିଧାସଳଖ ମିଲରଙ୍କ ପାଖକୁ ଧାନ ଯିବ ନାହିଁ । ଯଦି ମିଲର ସିଧାସଳଖ ଧାନ କିଣିବେ ସେ ମିଲ୍‌କୁ ସିଲ୍ କରି ଦିଆଯିବ । କଡ଼ା ଆକ୍ସନ ନିଆଯିବ। ସେହି ମିଲ୍‌କୁ କଳା ତାଲିକା ଭୁକ୍ତ କରାଯିବ । ସେ ଆଉ ବେପାର କରିପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି ।



ଭୁବନେଶ୍ୱର : ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ମଣ୍ଡଳର ସଦସ୍ୟ ମାନେ ବିଧାନସଭା ପରିସରରେ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## ଡଃ ହରେକୃଷ୍ଣ ମହତାବଙ୍କ ୧୨୫ ତମ ଜନ୍ମ ବାର୍ଷିକୀ

# ଡଃ ମହତାବ ଥିଲେ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଇତିହାସରେ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ଜୀବନ ଓ କୃତିତ୍ୱ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ । ସେ ଥିଲେ ଆଧୁନିକ ଓଡ଼ିଶା ନିର୍ମାଣର ବିଶ୍ୱକର୍ମା । ଡଃ ମହତାବଙ୍କ ବିନା ଆଧୁନିକ ଓଡ଼ିଶାର କଳ୍ପନା କରାଯାଇ ନପାରେ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀ ସ୍ମରଣୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ସେ ପୁଣି କହିଥିଲେ ଓଡ଼ିଶାକୁ ଆଗେଇ ନେବା ପାଇଁ ସେ ତିନୋଟି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିଲେ । ପ୍ରଥମଟି ହେଲା ଦେଶୀୟ ରାଜ୍ୟ ମିଶ୍ରଣରେ ବୃହତ୍ତର ଓଡ଼ିଶା ଗଠନ, ଦ୍ୱିତୀୟ ଥିଲା ଓଡ଼ିଶାକୁ ସମୃଦ୍ଧ କରିବା ପାଇଁ ହୀରାକୁଦରେ ନଦୀବନ୍ଧ ବାନ୍ଧି ମହାନଦୀରେ ବନ୍ୟା ନିୟନ୍ତ୍ରଣ ଓ ବିଦ୍ୟୁତ ଉତ୍ପାଦନ ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ଏବଂ ତୃତୀୟ ଥିଲା ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ । ଡଃ ମହତାବ ଥିଲେ ଓଡ଼ିଶାର ଶେଷ ପ୍ରଧାନମନ୍ତ୍ରୀ ଓ ପ୍ରଥମ ମୁଖ୍ୟମନ୍ତ୍ରୀ । ସେ ଥିଲେ ଓଡ଼ିଶାର ଏକ ବହୁମୁଖୀ ସ୍ୱୟଂ ସମ୍ପୂର୍ଣ୍ଣ ଅନୁଷ୍ଠାନ । ଏହି କ୍ରମରେ ଆଧୁନିକ ଓଡ଼ିଶାର ମଙ୍ଗୁଆଳ ଡଃ ମହତାବଙ୍କ ୧୨୫ ତମ ଜୟନ୍ତୀର ଏକ ବର୍ଷ ବ୍ୟାପୀ ଜାତୀୟ ସ୍ତରର ଉତ୍ସବ ପାଳନ ଏକ ଉପଯୁକ୍ତ ପଦକ୍ଷେପ । ଏଥିପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୂଆ ସରକାର ଆସିବା ପରେ ଇତିହାସ ପୃଷ୍ଠାରେ ଅଲୋଡା, ଅନାମଧେୟ ହୋଇ ରହିଥିବା ମାଧୋ ସିଂହଙ୍କୁ ଉଚିତ୍ ସମ୍ମାନ ଦେଇ ତାଙ୍କ ନାମରେ ଏକ ଛାତ୍ରବୃତ୍ତି ଯୋଜନା ଏବଂ ଅନ୍ୟତମ ବରପୁତ୍ର ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ । ଅନ୍ୟତମ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତି କରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଡଃ ମହତାବଙ୍କ ଏହି ଜନ୍ମ ବାର୍ଷିକୀକୁ ବର୍ଷେ ବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ପ୍ରଥମେ ମୁଖ୍ୟମନ୍ତ୍ରୀ ଓ କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଡଃ ମହତାବ ଜଣେ ବିସ୍ମୟ ପୁରୁଷ ଥିଲେ । ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡଃ ବିଜୟ ଶତପଥୀ କହିଥିଲେ ଯେ ଡଃ ମହତାବଙ୍କ ଜୀବନ ଯେତିକି ରୋଚକ ପୂର୍ଣ୍ଣ ସେତିକି ଚାଞ୍ଚଲ୍ୟକର । ଏହି ଅବସରରେ କଟକ ସାଂସଦ ତଥା ଡଃ ହରେକୃଷ୍ଣ ମହତାବଙ୍କ ସୁଯୋଗ୍ୟ ସନ୍ତାନ ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମହତାବ ସାହିତ୍ୟ କୃତୀ ପାଇଁ ସାହିତ୍ୟିକ ଶଙ୍କର ଲାଲ ପୁରହିତ, ନିଶାମଣି କର ଓ ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୭ଟି ପୁସ୍ତକ ଯଥା କଫିଟେବୁଲ ବୁକ ମ୍ୟାନ ଅଫ ଡେଷ୍ଟିନି, ମହାନାୟକ ମହତାବ, ଓଡିଆ ସାହିତ୍ୟ ଏକାଡେମୀ ଦ୍ୱାରା ହରେକୃଷ୍ଣ ମହତାବ, ଶିଶୁଲେଖା, ମହତଂ ମହତାବ, ରାଜ୍ୟ ସଂଗ୍ରହାଳୟ ଦ୍ୱାରା ମହତାବ ଓ ଅନନ୍ୟ କୃତୀ ଏବଂ ହରେକୃଷ୍ଣ ମହତାବ ଫାଉଣ୍ଡେସନ ଦ୍ୱାରା ଗାଁ ମଜଲିସ୍‌ର ଏକାଦଶ ଖଣ୍ଡ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ମହତାବଙ୍କ ଉପରେ ଆୟୋଜିତ ଫଟୋଚିତ୍ର ଏବଂ ତୈଳଚିତ୍ର ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲିଦେଖିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ ।

## କିସ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ

# ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ଅତିଥି



ଭୁବନେଶ୍ୱର, ୨୩ ।୧୧ ନ୍ୟୁଜ ବ୍ୟୁରୋ

ସର୍ବବୃହତ ଜନଜାତି ବିଶ୍ୱବିଦ୍ୟାଳୟ କିସ୍‌ର ୪ର୍ଥ ସମାବର୍ତ୍ତନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହରିକୃଷ୍ଣ ଏକ୍ସପୋର୍ଟସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ପଦ୍ମଶ୍ରୀ ସାବଜୀ ଢୋଲକିଆ, ଡ. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀସମୂହର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ବିଶିଷ୍ଟ ଶିଳ୍ପପତି ଏସ୍ ଏନ୍ ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଶ୍ରୀ ଢୋଲକିଆ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ୫ଟି ମନ୍ତ୍ର ପ୍ରଦାନ କରିଥିଲେ । ସବୁବେଳେ ନିଜକୁ ଶ୍ରେଷ୍ଠ ଭାବେ ବିବେଚନା କରିବା, ସବୁ କାର୍ଯ୍ୟ ମୋ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଭାବିବା, ଭଗବାନ ମୋ ସହ ସବୁବେଳେ ଅଛନ୍ତି, ମୁଁ ବିଜୟୀ ହୋଇପାରିବି ଓ ଆଜି ହେଉଛି ମୋ ପାଇଁ ନୂଆ ଦିନ-ଏହି ୫ଟି ମନ୍ତ୍ରକୁ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ପାଳନ କରିବାକୁ ସେ କହିଥିଲେ । ଆଗକୁ ଆହୁରି ଅଧିକ ସମାଜସେବା କରିବା ପାଇଁ ଏହି ସମ୍ମାନ ମୋତେ ପ୍ରେରଣା ଯୋଗାଇଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରିଟେନ୍‌ର ପ୍ରାକ୍ତନ ସାଂସଦ ତଥା ପ୍ରାକ୍ତନ ମନ୍ତ୍ରୀ ନିକ ଗିବ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ । ପିଲାମାନଙ୍କ ଉଦ୍ଦେଶ୍ୟରେ ସେ କହିଲେ, ତୁମ ଇଚ୍ଛା ଅନୁସାରେ ତୁମେ ତୁମର ଲକ୍ଷ୍ୟପଥ ସ୍ଥିର କର । ତୁମ ପାଇଁ ବ୍ୟାପକ ସୁଯୋଗ ରହିଛି । କ'ଣ ଭଲ ଓ କ'ଣ ଖରାପ ନିଜେ ନିଷ୍ପତ୍ତି ନେଇ ସେହି ଅନୁସାରେ ଲକ୍ଷ୍ୟ ସ୍ଥିର କରିବାକୁ ସେ ପିଲାଙ୍କୁ ପରାମର୍ଶ ଦେଇଥିଲେ । କିସ୍‌ର ସଫଳତା ପ୍ରଶଂସନୀୟ ଓ ପ୍ରେରଣାଦାୟୀ । ସମାଜ ଉପରେ ସକରାତ୍ମକ ପ୍ରଭାବ ପକାଇବାରେ କିସ୍‌ର ଗୌରବମୟ ଯାତ୍ରା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଥିଲେ । ସମ୍ମାନୀୟ ଅତିଥି ଭାବେ ବ୍ରିଟେନର ସାଂସଦ ଆଲାନ୍ ଗେମେଲ କହିଲେ, ଭାରତ ଓ ବ୍ରିଟେନ୍‌ର ସମ୍ପର୍କ ଅତି ପୁରାତନ । ଶିକ୍ଷା ହେଉଛି ନିଜକୁ ସଶକ୍ତ କରିବାର ଉପଯୁକ୍ତ ମାଧ୍ୟମ । କିସ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ନିଜର ଲକ୍ଷ୍ୟ ପୂରଣ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଛାତ୍ରଛାତ୍ରୀମାନେ ଏହାର ବିନିଯୋଗ କରି ନିଜର ଲକ୍ଷ୍ୟ ପୂରଣ କରିପାରିବେ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ହାର୍ଭାର୍ଡ଼ କେନେଡ଼ି ସ୍କୁଲ୍ ପବ୍ଲିକ ପଲିସି ପ୍ରଫେସର ଡ. ଜେଫ୍ରେ ବି ଲାଏବମାନ କହିଲେ, ସାମଗ୍ରିକ ଶିକ୍ଷା କ୍ଷେତ୍ରରେ କିସ୍ ହେଉଛି ଏକ ଅନନ୍ୟ ପ୍ରୟାସ । ସମାଜର ଅବହେଳିତ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରାଇବାରେ କିସ୍‌ର ପ୍ରୟାସ ପ୍ରଶଂସନୀୟ ବୋଲି ସେ କହିଥିଲେ । ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଡା. ବାତ୍ରା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଲେ, ଦୁଇଟି 'ଡି' ଦ୍ୱାରା ଜୀବନରେ ସବୁକିଛି ହାସଲ କରିପାରିବ । ଗୋଟିଏ ହେଉଛି ଡିସିପ୍ଲିନ୍ ବା ଶୃଙ୍ଖଳା ଓ ଅନ୍ୟଟି ହେଉଛି ଡିଟରମିନେସନ୍ ବା ପ୍ରତିବଦ୍ଧତା । ଏହି ଦୁଇଟି ଥିଲେ ଜୀବନରେ ସଫଳତା ପାଇବାକୁ ସହଜ ହୋଇଥାଏ ବୋଲି କହିଥିଲେ । ଶ୍ରୀ ମହାନ୍ତି କହିଲେ, କିସ୍‌ରେ ସବୁ ବ୍ୟବସ୍ଥା ରହିଥିବାରୁ ଆଗକୁ ବଢ଼ିବା ପାଇଁ ତୁମମାନଙ୍କ ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହି ସମ୍ମାନ ଆହୁରି ଅଧିକ କାର୍ଯ୍ୟ କରିବା ପାଇଁ ମୋତେ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ । ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ରୋଜାଲିନ୍ ପ୍ରଧାନଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ଏବଂ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୪୨୬ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାସ, କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉପସ୍ଥିତ ଥିଲେ । କୁଳପତି ପ୍ରଫେସର ଦୀପକ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।




